

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୩ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 13 JANUARY 2021
Vol.No. 31 ■ No. 13 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମାଟ୍ରିକ ପରୀକ୍ଷା ଫିସ୍ ଛାଡ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୨।୦୧ (ନି.ପ୍ର): ଛାତ୍ର ସମାଜର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ମାଟ୍ରିକ ପରୀକ୍ଷା ନିମନ୍ତେ ପିଲାମାନଙ୍କ ପରୀକ୍ଷା ଫିସ୍ ଛାଡ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ। ଏ ବାବଦରେ ରାଜ୍ୟ ସରକାର ୨୭ କୋଟି ଟଙ୍କା ବ୍ୟୟଭାର ବହନ କରିବେ। କରୋନା ମହାମାରୀ ପରିପ୍ରେକ୍ଷୀରେ ୨୦୨୦-୨୧ ଶିକ୍ଷା ବର୍ଷ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଦୀର୍ଘ ୯ ମାସ କାଳ ସ୍କୁଲ ବନ୍ଦ ରହିବା ପରେ ଜାନୁଆରୀ ୮ ତାରିଖରୁ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀକୁ କୋଭିଡ ନିୟମ ପାଳନ କରି ଖୋଲାଯାଇଛି। ପିଲାମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ତଥା ପାଠ୍ୟକ୍ରମରେ ବିଭିନ୍ନ ବିଷୟରେ ଥିବା ସନ୍ଦେହ ଦୂର କରିବା ପାଇଁ କ୍ଲାସ କରାଯାଉଛି। କରୋନା ଯୋଗୁ ବହୁ ଲୋକଙ୍କର ଜୀବନଜୀବିକା ମଧ୍ୟ ପ୍ରଭାବିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କର ଏହି ନିଷ୍ପତି ଫଳରେ ଅର୍ଥାଭାବରୁ କୌଣସି ପିଲା ପରୀକ୍ଷା ଦେବାରୁ ବଂଚିତ ହେବେ ନାହିଁ। ସୂଚନାଯୋଗ୍ୟ ଯେ ପ୍ରତି ପିଲାଙ୍କୁ ମାଟ୍ରିକ ପରୀକ୍ଷା ନିମନ୍ତେ ୪୨୦ ଟଙ୍କା ଲେଖାଏଁ ଫିସ୍ ଦେବାକୁ ପଡିଥାଏ ।

# ଶନିବାରଠାରୁ ଓଡ଼ିଶାରେ ଟିକାକରଣ

## ଭୁବନେଶ୍ୱରରେ ଖୋଲିବ ୫ଟି କେନ୍ଦ୍ର



ଭୁବନେଶ୍ୱର,୧୨।୦୧ (ନି.ପ୍ର): ଆସନ୍ତା ଶନିବାର ରାଜ୍ୟରେ ହେବ କୋଭିଡ୍ ଟିକାକରଣ। ସେଥିପାଇଁ ୧୬୦ଟି ଟିକାକରଣ କେନ୍ଦ୍ର କରାଯାଇଛି। ସେଥିରୁ ଭୁବନେଶ୍ୱରରେ ୫ଟି କେନ୍ଦ୍ର। ଏହାଛଡ଼ା ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ଓ କ୍ୟାପିଟାଲ୍ ହସପିଟାଲରେ ଟୁ ଓ୍ୱେ କମ୍ୟୁନିକେସନ ରହିବ। ଅର୍ଥାତ ଏହି ଦୁଇ ସେଣ୍ଟରରୁ ଟିକାକରଣ ନେଇ କେନ୍ଦ୍ର ସରକାର ସିଧାସଳଖ ଫିଡ୍‌ବ୍ୟାକ୍ ନେଇପାରିବେ। ପ୍ରତି ସେଣ୍ଟରରେ ଦୈନିକ ୧୦୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦେବାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ଅଧିକ ଟିକା ପହଞ୍ଚିବା ପରେ ଅଧିକ ସେଣ୍ଟର କରାଯାଇ ଟିକାଦନ ବ୍ୟବସ୍ଥା କରାଯିବ। ଜିଲ୍ଲା ଭ୍ୟାକ୍ସିନ୍ ଷ୍ଟୋରରୁ କୋଲ୍ଡ ଚେନ୍ ପଏଣ୍ଟ ଦେଇ ଟିକାକରଣ କେନ୍ଦ୍ରରେ ପହଞ୍ଚିବ ଭ୍ୟାକସିନ। ସେଠାରେ ଟିକାଦାନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ପରିବରା କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି। ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟରେ ୨୧ ହଜାର ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ତାଲିକା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ୧୬ ତାରିଖରୁ ୫ଟି ସେଣ୍ଟର ଯଥା- କ୍ୟାପିଟାଲ୍ ହସ୍ପିଟାଲ୍, ୟୁନିଟ-୪, ବିଏମ୍‌ସି ହସ୍ପିଟାଲ୍, ସମ ଓ କିମ୍ସ ହସ୍ପିଟାଲ୍‌ରେ ଟିକା ଦିଆଯିବ ବୋଲି ବିଏମ୍ କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ମଙ୍ଗଳବାର କୋଭିଡ୍ ଟିକା ଓଡ଼ିଶାରେ ପହଞ୍ଚିଛି। ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ଟିକା ପହଞ୍ଚିବା ପରେ ପୁଲିସ୍ ପାଇଲଟିଂରେ ସିଧାସଳଖ ରାଜ୍ୟ ଭ୍ୟାକସିନ ଷ୍ଟୋରକୁ ନିଆଯାଇଥିଲା।

▶▶ପୃଷ୍ଠା ୭

# ବଡ଼ ଫଟୋ, ଛୋଟ ଅକ୍ଷରକୁ ନେଇ ବିଜେଡି-ବିଜେପି ମୁହାଁମୁହିଁ



ବାରିପଦା,୧୨।୦୧ (ନି.ପ୍ର): ଯୋଜନା କାହାର। ଫଟୋ ଆଉ କାହାର। ଏହି କଥାକୁ ନେଇ ମୁହାଁମୁହିଁ ହେଲେ ନିର୍ବାଚିତ ପ୍ରତିନିଧି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାହିଁକି ବିଜୁବାବୁଙ୍କ ବଡ଼ ଫଟୋ ଏବଂ କେନ୍ଦ୍ର ଯୋଜନା ଛୋଟ ଅକ୍ଷର ଏହି କଥାରୁ ଆଜି ବିଗିଡି ଗଲା ମାହୋଲ। ଏମିତି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ଶେଷରେ ବୈଠକ ହୋଇପାରିଲା ନାହିଁ । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ବାରିପଦା ପ୍ରୟାସ ହଲରେ ଜିଲ୍ଲା ଯୋଜନା ପ୍ରସ୍ତୁତି ଦିଶା ବୈଠକ ହୋଇଥିଲା। ଏହି ବୈଠକରେ ଉଭୟ ବିଜେଡି ଓ ବିଜେପି ନେତୃବୃନ୍ଦର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଯୋଜନାରେ ରାଜ୍ୟ ସରକାର ବାହା ବାହା ନେବା ସହିତ ଯୋଜନାରେ ଲାଗୁଥିବା ଲୋଗୋରେ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ଫଟୋ ବଡ ଆକାରରେ ରହୁଥିବା ବେଳେ ପ୍ରଧାନମନ୍ତ୍ରୀ ଯୋଜନା ଲେଖା ଛୋଟ ଆକାର ରେ ରହୁଥିବା ନେଇ ଉଠିଥିଲା ପ୍ରଶ୍ନ।

▶▶ପୃଷ୍ଠା ୭

# ବିଜେପି ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ : ଧର୍ମେନ୍ଦ୍ର



କଟକ/ମାହାଙ୍ଗା, ଜାନୁଆରୀ, ୧୨।୦୧ (ନି.ପ୍ର): କଟକ ମାହାଙ୍ଗା ଅଂଚଳରେ ସର୍ବଦା ଗରିବଙ୍କ ସେବା କରୁଥିବା ଦିବଙ୍ଗତ ବିଜେପି ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ଏହି ଦିବଙ୍ଗତ ନେତାଙ୍କ ଶ୍ରଦ୍ଧାଞ୍ଜଳି ସମାବେଶରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ପୋଲିସ ଡ଼ିଜି ତଥା ପ୍ରଶାସନକୁ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ ଦାବୀ କରିଛନ୍ତି। ଶ୍ରୀ ପ୍ରଧାନ ସ୍ୱର୍ଗତ କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଫୋଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା

▶▶ପୃଷ୍ଠା ୭

# ଏସ୍ଆଇଟିକୁ ନିର୍ଦ୍ଦେଶ : ନୟାଗଡ଼ ନାବାଳିକା ହତ୍ୟା ମାମଲାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦିଅ



କଟକ,୧୨।୦୧ (ନି.ପ୍ର): ନୟାଗଡ଼ ନାବାଳିକା ହତ୍ୟା ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୨୫ ତାରିଖକୁ ଘୁଞ୍ଚିଲା । ଏହାରି ଭିତରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ଏସ୍ଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଆଜି ଏନେଇ ମାମଲାର ଶୁଣାଣି କରିବା ସହ ପୂର୍ବରୁ ଏସ୍ଆଇଟି ବନ୍ଦ ଲଫାଫାରେ ଦେଇଥିବା ଷ୍ଟାଟସ ରିପୋର୍ଟ ଦେଖିଛନ୍ତି କୋର୍ଟ । ତେବେ ଅପଡେଟ୍ ଷ୍ଟାଟସ ରିପୋର୍ଟ ଦେବାକୁ ଏସ୍ଆଇଟି ଅଧିକ ସମୟ ମାଗିଥିଲା । ଏଣୁ ୨ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ କୋର୍ଟ ଏସ୍ଆଇଟିକୁ ସମୟ ଦେଇଛନ୍ତି । ସେପଟେ ମାମଲାର ମୂଳ ଆବେଦନକାରୀ ଆଜି ପୁଣି ଏକ ସତ୍ୟପାଠ ଦାଖଲ କରିଛନ୍ତି। ଅଭିଯୁକ୍ତର ଘରୁ ସବୁ ଜିନିଷପତ୍ର ଜବତ କରିଥିଲେ ବି ତାହାର ବୟସ ଜାଣିବା ଲାଗି କାହିଁକି ସାର୍ଟିଫିକେଟ ନିଆଯାଇନଥିଲା ଓ ଓସିଫିକେସନ ଟେଷ୍ଟ କାହିଁକି କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଅଭିଯୁକ୍ତ ନାବାଳକ ଥିବା ଜାଣି ବି ଏସ୍ଆଇଟି ତାଙ୍କୁ ଜାଣିଶୁଣି ସାବାଳକ ବୋଲି କହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ପରୀ ହତ୍ୟା ମାମଲାରେ ଅଭିଯୁକ୍ତକୁ ସାବାଳକ ଦର୍ଶାଇ ଏସ୍ଆଇଟି କୋର୍ଟ ଚାଲାଣ କରିଥିଲା। ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୁକ୍ତଙ୍କ ଓକିଲ। ଏପରିକି ଅଭିଯୁକ୍ତଙ୍କ ଜନ୍ମ ପ୍ରମାଣପତ୍ର ଓ ମ୍ୟାଟ୍ରିକ ସାର୍ଟିଫିକେଟ ଦାଖଲ କରିଥିଲେ। ପ୍ରମାଣ ପାଇଲା ପରେ ଅଭିଯୁକ୍ତକୁ ନାବାଳକ ଦର୍ଶାଇଲେ କୋର୍ଟ। ହେଲେ ନୟାଗଡ଼ ପୋକ୍ସୋ କୋର୍ଟ ତାଙ୍କୁ ନାବାଳକ ଦର୍ଶାଇଥିଲେ । ଅଭିଯୁକ୍ତକୁ କୋର୍ଟ ନାବାଳକ କହିବା ପରେ ଏସ୍ଆଇଟି ଅରୁଣ ବୋଥ୍ରାଙ୍କୁ ଜବରଦସ୍ତ ଝଟକା ଲାଗିଥିଲା। ଏହାପରେ ଗିରଫ ନାବାଳକ ଅଭିଯୁକ୍ତ ଗତ ୮

▶▶ପୃଷ୍ଠା ୭

# ଭୁବନେଶ୍ୱରରେ ପହଂଚିଲା କରୋନା ଟିକା




ଭୁବନେଶ୍ୱର,୧୨।୦୧ (ନି.ପ୍ର): ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ଓଡ଼ିଶାରେ ପହଂଚିଛି ବହୁ ପ୍ରତିକ୍ଷୀତ କରୋନା ଟିକା 'କୋଭିସିଲ୍ଡ'। ମଙ୍ଗଳବାର ଅପରାହ୍ନରେ ପୁଣେରୁ ସ୍ୱତନ୍ତ୍ର ସ୍ୱାଇସ ଜେଟ ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଛି ଟିକା। ବିମାନ ବନ୍ଦରରେ ପହଂଚିବା ପରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଭିତରେ ଟିକା ବାକ୍ସଗୁଡ଼ିକୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଶ୍ରୀରାମ ମନ୍ଦିର ଛକରେ ଥିବା ରାଜ୍ୟ ଔଷଧ ନିଗମ କାର୍ଯ୍ୟାଳୟ ପରିସରକୁ ଅଣାଯାଇଛି। ଭୁବନେଶ୍ୱର ବିମାନବନ୍ଦରରୁ କଡ଼ା ସୁରକ୍ଷା ମଧ୍ୟରେ ୩ଟି ଜାତୀୟ ଟିକା ଯାନରେ ପ୍ରାୟ ୧୨୦୦ କିଲୋ ଓଜନର ୩୪ଟି ପ୍ୟାକେଟରେ ଭର୍ତ୍ତି ହୋଇ ଆସିଥିବା ଟିକାକୁ ରାଜ୍ୟ ଟିକାକରଣ କେନ୍ଦ୍ରରେ ଗଚ୍ଛିତ ରଖାଯାଇଛି। ଆସନ୍ତାକାଲି ବିଭିନ୍ନ ଜିଲ୍ଲାକୁ ନିର୍ଦ୍ଧାରିତ ପରିମାଣର ଟିକା ପ୍ରେରଣ କରାଯିବ। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ୩୦ଟି ଜିଲ୍ଲାରୁ ଭୁବନେଶ୍ୱରରୁ ଟିକା ନେବାକୁ ସ୍ୱତନ୍ତ୍ର ଗାଡ଼ି ଆସି ପହଂଚିବ ଏବଂ ସେଥିରେ ଟିକା ଜିଲ୍ଲା ଟୀକାକରଣ କେନ୍ଦ୍ରକୁ ପଠାଯିବ। ଏହାପରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ ଟିକାକରଣ। ପ୍ରଥମ ପର୍ଯ୍ୟାୟରେ କୋଭିସିଲ୍ଡର ୪୦ ହଜାର ୮ଶହ ଭାଏଲ୍ ଆସିଛି । ଗୋଟିଏ ବୋତଲରେ ଯେଉଁ ପରିମାଣରେ ଔଷଧ ରହିଛି

▶▶ପୃଷ୍ଠା ୭

## ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ

# ଯୁବଶକ୍ତିର ସଫଳ ବିନିଯୋଗ ଦ୍ୱାରା ଉନ୍ନତ ରାଷ୍ଟ୍ର ନିର୍ମାଣ ସମ୍ଭବ: ମନ୍ତ୍ରୀ

ଭୁବନେଶ୍ୱର,୧୨।୦୧ (ନି.ପ୍ର): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ ଉତ୍ସବରେ ଇଲେକ୍‌ଟ୍ରୋନିକ୍ସ , ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନମ୍ବର-୩ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ, ଆମ ରାଜ୍ୟରେ ମୋଟ ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ଯୁବବର୍ଗ । ରାଜ୍ୟ ସରକାର ସ୍ୱତନ୍ତ୍ର ଯୁବନୀତି ପ୍ରଣୟନ କରିବା ସହ ଯୁବକ ଓ ଯୁବତୀମାନଙ୍କ ଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ଅନେକ ସମୟରେ ଦେଖାଯାଉଛି ବିଭିନ୍ନ ନକାରାତ୍ମକ ଶକ୍ତି ଯୁବବର୍ଗଙ୍କୁ ପଥଭ୍ରଷ୍ଟ କରାଇବା ସହ ବିପଥଗାମୀ କରାଉଛି । ତେଣୁ ଆଜିର ଏହି ଶୁଭ ଅବସରରେ ସମସ୍ତ ଯୁବବର୍ଗ ସ୍ୱାମୀ ବିବେକାନନ୍ଦଙ୍କ ପ୍ରଦର୍ଶିତ ମାର୍ଗରେ ଆଗକୁ ବଢ଼ିବା ସହ ରାଷ୍ଟ୍ର ନିର୍ମାଣରେ ନିଜର ସହଯୋଗର ହାତ ବଢ଼ାନ୍ତୁ । ଯୁବଶକ୍ତିର ସଫଳ ବିନିଯୋଗ ଦ୍ୱାରା ଉନ୍ନତ ରାଷ୍ଟ୍ରନିର୍ମାଣ ସମ୍ଭବ ବୋଲି ମନ୍ତ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନୀୟ ଅତିଥି ଭାବେ ରାମକୃଷ୍ଣ ମିଶନ, ଭୁବନେଶ୍ୱରର ସ୍ୱାମୀ ଆତ୍ମା ପ୍ରବାନନ୍ଦଜୀ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସହ ସତ୍ୟ, ସକାରାତ୍ମକ ଚିନ୍ତାଧାରା ଏବଂ ଦେଶଭକ୍ତିର ଭାବନା ନେଇ ଦେଶ ବିକାଶରେ ନିଜକୁ ସାମିଲ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

## ବୟସ୍କ ସ୍ୱାସ୍ଥ୍ୟକର୍ମୀଙ୍କୁ ଆଗେ ଦିଆଯିବ କରୋନା ଟିକା

ଭୁବନେଶ୍ୱର,୧୨।୦୧ (ନି.ପ୍ର): ଆଜି ଯେତିକି ଟିକା ପହଁଚିଛି ତାହା କେବଳ ୧ ଲକ୍ଷ ୯୧ ହଜାର ସ୍ୱାସ୍ଥ୍ୟ କର୍ମୀଙ୍କୁ ଦିଆଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ଟିକାକରଣ ଲାଗି ବୟସ୍କ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଯେଉଁ ମାନଙ୍କୁ ଟିକା ଦିଆଯିବ ସେମାନଙ୍କୁ ପାଖକୁ ମେସେଜ ଯିବ। ଯେଉଁ ଜିଲ୍ଲାରେ କୋଭିଡ ସ୍ଥିତି ସଙ୍ଗିନ ଥିଲା ସେ ସ୍ଥାନକୁ ଗୁରୁତ୍ୱ ଦିଆଯିବ। ରାଜ୍ୟ ଭ୍ୟାକ୍ସିନ ଷ୍ଟୋରର ଟିକା ପହଁଚିବା ପରେ ଜିଲ୍ଲା ସ୍ତରକୁ ନେବା ଲାଗି ଜିଲ୍ଲାପାଳ ମାନଙ୍କୁ ଚିଠି କରାଯାଇଛି। ସେମାନେ ଆଜି କିମ୍ବା କାଲି ଭିତରେ ଗାଡି ପଠାଇ ଟିକା ନେଇଯିବେ। କୋଭାକ୍ସିନ ମଧ୍ୟ ୨୦ ହଜାର ରାଜ୍ୟକୁ ଆସିବ ବୋଲି କେନ୍ଦ୍ର ସରକାର ଜଣାଇଛନ୍ତି ।

# ବିବାହ ପ୍ରୋସେସନ୍‌କୁ ମିଳିବ ଅନୁମତି

ଭୁବନେଶ୍ୱର,୧୨।୦୧ (ନି.ପ୍ର): ବିବାହ ଉତ୍ସବରେ ବରଯାତ୍ରୀ ପ୍ରୋସେସନ୍‌କୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ବାହାଘର ଓ ଅନ୍ତିମ ସଂସ୍କାର ନେଇ ପୂର୍ବରୁ ଜାରି କରାଯାଇଥିବା ଗାଇଡଲାଇନରେ କେତେକ ପରିବର୍ତ୍ତନ କରାଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିସନର୍ ତଥା ଅତିରକ୍ତ ଶାସନ ସଚିବ ପ୍ରଦୀପ ଜେନା ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। କୋଭିଡ ମହାମାରୀ ହେତୁ ପୂର୍ବରୁ ବାହାଘର ପ୍ରସେସନ୍ ଉପରେ ଲାଗୁ କରାଯାଇଥିବା କଟକଣାକୁ ଓଡ଼ିଶା ସରକାର ଆଜି ପ୍ରତ୍ୟାହାର କରି ନେଇଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ଧ୍ୟାନରେ ରଖି ବାହାଘରରେ ବର, କନ୍ୟା, ପୁରୋହିତ, ବନ୍ଧୁ, ସମ୍ପର୍କୀୟ, ଅତିଥି, ବ୍ୟାଣ୍ଡ ପାର୍ଟି, ଆଲୋକ ଏବଂ ସାଉଣ୍ଡ ସିଷ୍ଟମର ସଦସ୍ୟଙ୍କ ସମେତ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ସର୍ବାଧିକ ୨୦୦ ହୋଇପାରିବ ବୋଲି ନିଷ୍ପତି ହୋଇଛି। ତେବେ ବିବାହ ଉତ୍ସବରେ କୋଭିଡ-୧୯ କଟକଣା ନିୟମକୁ କଡ଼ାକଡ଼ି ପାଳନ କରାଯିବ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ଥର୍ମାଲ୍ ସ୍କାନିଂର ବ୍ୟବସ୍ଥା ଏବଂ ହାତ ଧୋଇବା କିମ୍ବା ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ବନ୍ଦ ସ୍ଥାନରେ ମାତ୍ର ୫୦ ପ୍ରତିଶତ ବ୍ୟକ୍ତିଙ୍କୁ ନେଇ ବିବାହ ଉତ୍ସବ ଏବଂ ଅନ୍ତିମ ସଂସ୍କାର ଆୟୋଜିତ ହୋଇପାରିବ ବୋଲି ଏଥିରେ କୁହାଯାଇଛି। ଖୋଲା ସ୍ଥାନରେ, ଭୂମି / ଖୋଲା ସ୍ଥାନର ଆକାରକୁ ଦୃଷ୍ଟିରେ ରଖି, ଉପଯୁକ୍ତ ସଂଖ୍ୟକ ବ୍ୟକ୍ତି ଏଥିରେ ସାମିଲ ହୋଇପାରିବେ ବୋଲି ମଧ୍ୟ କୁହାଯାଇଛି।

# ଓଡିଶାକୁ ଆଉ ଦୁଇଟି ଜାତୀୟ ପୁରସ୍କାର

ଭୁବନେଶ୍ୱର,୧୨।୦୧ (ନି.ପ୍ର): ଜାଗାମିଶନ ଓ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଓଡିଶାକୁ ଆଉ ଦୁଇଟି ଜାତୀୟ ପୁରସ୍କାର ମିଳିଛି। । ଜନାଗ୍ରହ ସହର ପ୍ରଶାସନର ଦ୍ୱିତୀୟ ସଂସ୍କରଣରେ ଓଡିଶା ସ୍ଥାନ ପାଇଛି । ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ର ଗୃହ ନିର୍ମାଣ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଓଡିଶାକୁ ପୁରସ୍କୃତ କରିଥିଲେ । ରାଜ୍ୟ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଜି.ମାଥିଭାଥନନ ଏହି ପୁରସ୍କାର ଦୁଇଟି ଗ୍ରହଣ କରିଥିଲେ । ୧୭ଟିରାଜ୍ୟରୁ ୫୪ଟି ଆବେଦନକୁ ବିଚାରାକୁ ନିଆଯାଇଥିବାବେଳେ ୫ଟି ବର୍ଗ ମଧ୍ୟରୁ ଓଡ଼ିଶା ଦୁଇଟିରେ ପ୍ରଥମ ସ୍ଥାନ ହାସଲ କରିଛି। ଜାଗା ମିଶନ କ୍ଷେତ୍ରରେ ଆଇନର ସଫଳ ରୂପାୟନ, ନୀତି ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଗ୍ରହଣ କରିଥିବା ଉଲ୍ଲେଖନୀୟ ପଦକ୍ଷେପ ସକାଶେ ଶ୍ରେଷ୍ଠ ରାଜ୍ୟ ପୁରସ୍କାର ପାଇଛି। ଓଡ଼ିଶା କାର୍ଯ୍ୟକାରୀ କରିଥିବା ବସ୍ତି ବାସିନ୍ଦାଙ୍କୁ ଜମିର ସତ୍ୱାଧିକାର ନିୟମ -୨୦୧୭ କାର୍ଯ୍ୟକାରୀ କରାଇବା ଏବଂ ବସ୍ତି ଉନ୍ନୟନ ସଂଘ ମାଧ୍ୟମରେ ବସ୍ତିଗୁଡିକର ବିକାଶ ପାଇଁ ଏହି ପୁରସ୍କାର ମିଳିଛି । ଗୃହ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନ ସହରାଂଚଳରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କ୍ଷେତ୍ରରେ 'ବେଷ୍ଟ ସିଭିକ ଏଜେନ୍ସି' ପୁରସ୍କାର ପାଇଛି । ବିକେନ୍ଦ୍ରୀକରଣର ଭି.ରାମଚନ୍ଦ୍ରନଙ୍କ ସ୍ମୃତିରେ ଏହି ପୁରସ୍କାରଗୁଡିକ ପ୍ରଦାନ କରାଯାଇଥାଏ । ୫ଟି ବର୍ଗରେ ଦିଆଯାଉଥିବା ପୁରସ୍କାରଗୁଡିକ ହେଉଛି ଶ୍ରେଷ୍ଠ ରାଜ୍ୟ,

▶▶ପୃଷ୍ଠା ୭

# କୋଭିଡ-୧୯ ଟିକାକରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ



ବାଲେଶ୍ୱର,୧୨।୦୧ (ନି.ପ୍ର): କୋଭିଡ-୧୯ ଟିକାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହି ବୈଠକରେ ଅଧ୍ୟକ୍ଷତା କରି ଆସନ୍ତା ଜାନୁଆରୀ ୧୬ତାରିଖରୁ ଆରମ୍ଭ ହେବାକୁ ଥିବା କୋଭିଡ୍-୧୯ ଟିକାକରଣ ସମ୍ପର୍କରେ ସମୀକ୍ଷା କରିଥିଲେ । ଟିକାକରଣ ପାଇଁ ହୋଇଥିବା ସମସ୍ତ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ସେ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ବୁଝିବା ସହିତ ସମସ୍ତ ବ୍ୟବସ୍ଥାକୁ ଆଉ ଥରେ ତନ୍ନ ତନ୍ନ କରି ଯାଞ୍ଚ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୧୬ତାରିଖ ଦିନ ଜିଲ୍ଲାର ୫ଟି ସ୍ଥାନ ଯଥା- ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାକରଣ ଆରମ୍ଭ କରାଯିବ। ସେହି ଦିନ ଏହି ୫ଟି କେନ୍ଦ୍ରରେ ୧୦୦(ଶହେ) ଲେଖାଏଁ ବ୍ୟକ୍ତିଙ୍କୁ ଟିକାଦାନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ବିଭାଗ ସହ ଜଡିତ ଆଗଧାଡିର ସ୍ୱାସ୍ଥ୍ୟକର୍ମୀ,

# ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରିଲେ ନିର୍ମାଣ ଶ୍ରମିକ

ଭୁବନେଶ୍ୱର,୧୨।୧ (ନି.ପ୍ର): ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ କୋଭିଡ୍ ସହାୟତା ପ୍ରଦାନରେ ଉଦାସୀନତା ବିରୁଦ୍ଧରେ ଓ ଅନ୍ୟାନ୍ୟ ଦାବିରେ ସୋମବାର ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ତରଫରୁ ଶ୍ରମକମିଶନର୍ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ ହୋଇ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନିର୍ମାଣ ଶ୍ରମିକ ମାଷ୍ଟରକ୍ୟାଂଟିନ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ଶ୍ରମ କମିଶନର୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମନ୍ୱୟ କମିଟିର ରାଜ୍ୟ ଆବାହକ ବିଜୟ ଜେନା ନିର୍ମାଣ ଶ୍ରମିକଙ୍କ ଦାବି ଉପସ୍ଥାପିତ କରିବା ସହ ସରକାର ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ଦାବି ପୂରଣ .ନହେଲେ ଆଗାମୀ ମାର୍ଚ୍ଚ ମାସରେ ଅହୋରାତ୍ର ଧାରଣା ଅନୁଷ୍ଠିତ ହେବ ବୋଲି ଚେତାବନୀ ଦେଇଥିଲେ। ସମସ୍ତ ପଞ୍ଜିକୃତ ଶ୍ରମିକଙ୍କୁ କରୋନା ସହାୟତା ପ୍ରଦାନ, ଉଭୟ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ସହାୟତା ରାଶି ପ୍ରଦାନ, ଅଘୋଷିତ ଭାବେ ବନ୍ଦ କରାଯାଇଥିବା ଯନ୍ତ୍ରପାତି ଓ ନିରାପତା ଉପକରଣ ଏବଂ ସାଇକେଲ ପ୍ରଦାନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ତାଲିମ ନେଇଥିବା ପଞ୍ଜିକୃତ ଶ୍ରମିକଙ୍କୁ ଭତା ପ୍ରଦାନ, ଚିକିତ୍ସା ସହାୟତା ରାଶି ପ୍ରଦାନ, ଅଘୋଷିତ ଭାବରେ ବନ୍ଦ କରାଯାଇଥିବା ପଞ୍ଜିକରଣକୁ ଚାଲୁ କରିବା, କଲ୍ୟାଣ ବୋର୍ଡ଼ର ଆବଶ୍ୟକ ଭିତିଭୂମି ଗଠନ, ଶତକଡ଼ା ୧ ଭାଗ ପରିବର୍ତେ ୨ ଭାଗ ସେସ୍ ଆଦାୟ, ପେନ୍‌ସନ୍ ପାଇବା ପାଇଁ ଆଠ ବର୍ଷର ଅବଧି ଉଠାଇ ୬୦ ବର୍ଷ ହେଲେ ସମସ୍ତ ଶ୍ରମିକଙ୍କୁ ୩୦୦୦ ଟଙ୍କା ପେନସନ୍ ପ୍ରଦାନ, ଶିକ୍ଷା ଓ ଅନ୍ୟାନ୍ୟ ସହାୟତା ରାଶି ନିୟମାନୁସାରେ ପ୍ରଦାନ ଆଦି ଦାବି ଉପରେ ଏକ ପ୍ରତିନିଧି ମଣ୍ଡଳୀ ଶ୍ରମ କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା : ବଳଦେବ ପାୱାରଲୁମ୍ ଶ୍ରମିକଙ୍କୁ ମିଳୁନି ପାଉଣା

କେନ୍ଦ୍ରାପଡ଼ା,୧୨।୧ (ନି.ପ୍ର): କେନ୍ଦ୍ରାପଡାର ତିନିମୁହାଣୀ ଠାରେ ସ୍ଥାପନ କରାଯାଇ ଥିବା ବଳଦେବଜୀୟୁ ପାୱାରଲୁମ୍ ୧୯୬୯ ମସିହାରୁ କାର୍ଯ୍ୟକରି ୧୯୯୬ ମସିହାରେ ବନ୍ଦ ହୋଇଯାଇଛି। ତେବେ ପାୱାରଲୁମ୍ ଚାଲୁଥିବା ବେଳେ ସେଥିରେ କାମ କରୁଥିବା ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଚାକିରୀ ୨୦୦୧ ମସିହାରେ ସମାପ୍ତ କରାଯାଇ ଭିଆରଏସ୍ ଦିଆଯାଇ ଥିଲା। ଏ ମଧ୍ୟରେ ୨୦ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଏହି କର୍ମଚାରୀ ଶ୍ରମିକ ମାନଙ୍କ ପ୍ରାପ୍ୟ ମିଳୁ ନଥିବାରୁ ବାଧହୋଇ ଶ୍ରମିକ ମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ କେସ ନଂ-(ଗଚ(ଉ)୧୧୩୦୨/୧୪) ମାମଲା ଦାଏର କରିଥିଲେ। ୨୦୧୯ ମାର୍ଚ୍ଚ ମାସ ୬ ତାରିଖରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହାର ଶୁଣାଣି କରି ଲିକୋଡେଟରଙ୍କୁ ଶ୍ରମିକ ମାନଙ୍କ ଦରମା ଦେବାକୁ ନିର୍ଦ୍ଦେଶ ଦିଆଯିବ। ମାତ୍ର ଲିକୋଡେଟର ପ୍ରାୟ ୨ବର୍ଷ ହେଲା ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନକରି ଥିବାରୁ ଶ୍ରମିକ ମାନେ ବିଭିନ୍ନ ଫୋରମ ରେ ଦାବି ଉଠାଇ ଶେଷରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଶ୍ରମିକ ମାନଙ୍କୁ ପକ୍ଷରୁ ମୁରଲିଧର ଦାସ, ରାଜ କିଶୋର ଜେନା, ସୁରେନ୍ଦ୍ର ବେହେରା, ଦିଗମ୍ବର ପାତ୍ର, ଗୋବିନ୍ଦ ଚନ୍ଦ୍ର କର, ପ୍ରଦିପ କୁମାର ନାୟକ, କ୍ଷେତ୍ରବାସୀ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ବକେୟା ଦରମା ପାଇବାକୁ ନିବେଦନ କରିଥିଲେ।

## କେନ୍ଦ୍ରାପଡା ତହସିଲ ପକ୍ଷରୁ ବେବନ୍ଦୋବସ୍ତ ପଟ୍ଟା ବଣ୍ଟନ

କେନ୍ଦ୍ରାପଡ଼ା,୧୨।୧ (ନି.ପ୍ର): କେନ୍ଦ୍ରାପଡା ତହସିଲ ପକ୍ଷରୁ ୨୬ଜଣ ହିତାଧିକାରୀଙ୍କୁ ବେବନ୍ଦବସ୍ତ ପଟ୍ଟା ବଣ୍ଟନ କରାଯାଇଥିବା ଜଣା ପଡିଛି। ତହସିଲ ଅଧିନ ସାହସପୁର ପଂଚାୟତ ର ସାହସପୁର ଗ୍ରାମରେ ତହସିଲଦାର ହେମଲତା ବାହାଲିଆ ପହଁଚି ଦୀର୍ଘଦିନ ରୁ ପଡି ରହିଥିବା ଏହି ପଟ୍ଟା ଗୁଡିକୁ ସୋମବାର ବଣ୍ଟନ କରାଯାଇ ଥିଲା। ତରବରିଆ ଭାବେ ଏହି ପଂଚାୟତ ରେ ପଟ୍ଟା ବଣ୍ଟନ କରାଯାଇ ଥିବାବେଳେ ଅନେକ ପଂଚାୟତରେ ପଟ୍ଟା ପାଇଁ ଆବେଦନ କରିଥିବା ଲୋକମାନଙ୍କ ପଟ୍ଟା ସମ୍ବନ୍ଧୀୟ ଆବେଦନ ପତ୍ରର କୌଣସି ବିଚାର କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ଏମାନଙ୍କର ବିଚାର କରିବାକୁ ସାଧାରଣରେ ଦାବି ହେଉଛି।

# ଆଦର୍ଶ ଗ୍ରାମ ଯୋଜନା ଅର୍ଥ ହଡ଼ପ ଅଭିଯୋଗ

## ଜିଲ୍ଲାପାଳଙ୍କଠାରେ ମହାପଦାବାସୀଙ୍କ ଫେରାଦ



ବାଲେଶ୍ୱର,୧୨।୧ (ନି.ପ୍ର): ସଦର ବ୍ଲକ ଓଲଦା ସାରଗାଁ ପଞ୍ଚାୟତରେ ସରକାରଙ୍କ ଆଦର୍ଶ ଗ୍ରାମ୍ୟ ଯୋଜନାର ଅର୍ଥ ହଡ଼ପ ନେଇ ମହାପଦା ଗ୍ରାମର ୱାର୍ଡ଼ ମେମ୍ବର ଓ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଆଦର୍ଶ ଗ୍ରାମ ଯୋଜନାରେ ଏହି ଗ୍ରାମର ସାମୂହିକ ଉନ୍ନତୀକରଣ ପାଇଁ ମଞ୍ଜୁର ହୋଇଥିବା ୪୦ ଲକ୍ଷ ଟଙ୍କାକୁ ବିନା କାର୍ଯ୍ୟରେ ଆତ୍ମସାତ କରାଯାଇଥିବା ନେଇ ୱାର୍ଡ଼ ମେମ୍ବର ଓ ସଚେତନଶୀଳ ଗ୍ରାମବାସୀମାନେ ଆରୋପ ଉଠାଇଛନ୍ତି। ଏମିତିକି ଅନ୍ୟାନ୍ୟ ଯୋଜନାରେ ଏକାଧିକ ପ୍ରକଳ୍ପର କାର୍ଯ୍ୟ ନ ହୋଇ ଅର୍ଥ ହଡ଼ପ ହୋଇଥିବା ସେମାନେ କହିଛନ୍ତି। ଏନେଇ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଏହି ଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ ସହ ଅସାଧୁ ବିଭାଗୀୟ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ ପଞ୍ଚାୟତ ପ୍ରତିନିଧିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ୱାର୍ଡ଼ମେମ୍ବର ଆରତୀ ଦାସ, ରବୀନ୍ଦ୍ର ଦାସଙ୍କ ସମେତ ତପନ କୁମାର ଦାସ, ରାମ ଦାସ, ଭରତ ଦାସ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଏବିଭିପିର ମହାନଗର ନୂତନ କାର୍ଯ୍ୟକାରିଣୀ ଘୋଷଣା

ଭୁବନେଶ୍ୱର,୧୨।୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମହାନଗରର ପୁରୁଣା କାର୍ଯ୍ୟକାରିଣୀ ଭଙ୍ଗ କରାଯାଇ ଚଳିତ ଶିକ୍ଷାବର୍ଷ ୨୦୨୧-୨୨ ନିମନ୍ତେ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ମହାନଗର ସଭାପତି ଭାବେ ଅଧ୍ୟାପକ ସଞ୍ଜୟ ମହାନ୍ତି, ସମ୍ପାଦକ ରୂପେ ସୋଆ ବିଶ୍ୱବିଦ୍ୟାଳୟର ଛାତ୍ର ନେତା ଚଣ୍ଡୀ ପ୍ରସାଦ ସୁଆରଙ୍କୁ ଚୟନ କରାଯାଇଥିଲା। ଏଥି ସହିତ ମହାନଗର ଅଧିନସ୍ଥ ୧୭ଟି ନଗରର ନଗର ସଭାପତି ଏବଂ ନଗର ସମ୍ପାଦକ ଚୟନ କରାଯାଇଥିଲା। ଜାନୁଆରୀ ୯ ଓ ୧୦ ତାରିଖ ଦୁଇ ଦିନ ଧରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରଶିକ୍ଷଣ ଶିବିର ମହାନଗର ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଥିଲା।ଏହି ପ୍ରଶିକ୍ଷଣ ଶିବିରରେ ଭୁବନେଶ୍ୱର ବିଭାଗର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।ଏହି ଶିବିରରେ ପ୍ରାନ୍ତ ସଂଗଠନ ସମ୍ପାଦକ ଅଭିଳାଶ ପଣ୍ଡା, ରାଜ୍ୟ ସହସମ୍ପାଦକ ଦେବାଶିଷ ଶତପଥୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା କବିତା କହଁର ଯୋଗ ଦେଇଥିଲେ। ଏହି ଶିବିରରେ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ,ଉଦ୍ଦେଶ୍ୟ ଓ ଆଗାମୀ ଦିନର କାର୍ଯ୍ୟଧାରା,କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନ ପରୀକ୍ଷାକେନ୍ଦ୍ରର ଶିଳାନ୍ୟାସ

ଭୁବନେଶ୍ୱର,୧୨।୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ୪କୋଟି ୫୨ ଲକ୍ଷ ବ୍ୟୟବରାଦରେ ଏକ ପରୀକ୍ଷା ହଲ ନିର୍ମାଣ କରିବା ପାଇଁ ସୋମବାର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳସଚିବ ଓ ପିଜି କାଉନସିଲର ଅଧ୍ୟକ୍ଷଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶିଳାନ୍ୟାସ କରିଥିଲେ। ଏହି ହଲଟିକୁ ଉଚିତ ସମୟସୀମା ମଧ୍ୟରେ ପୁରା କରିବାକୁ କୁଳପତି ନିର୍ଦ୍ଦେଶ ଦେଇଥିଲେ। ୨୬ ହଜାର ବର୍ଗଫୁଟ ବିଶିଷ୍ଟ ଏହି ହଲରେ ୩୦୦ ଛାତ୍ରଛାତ୍ରୀ ଏକାସହ ବସି ପରୀକ୍ଷା ଦେଇପାରିବେ। ୱାର୍ଲଡ ବ୍ୟାଙ୍କ ଗ୍ରାଂଟ ଯୋଗେ ନିର୍ମାଣ ହେବାକୁ ଯାଉଥିବା ଏହି ହଲର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଓଡିଶା ପୋଲିସ୍ ହାଉସିଂ ୱେଲଫେୟାର କର୍ପୋରେସନ ନେଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ନିର୍ମିତ ହେବାକୁ ଯାଉଥିବା ଏହି ପରୀକ୍ଷା ହଲକୁ ଆହୁରି ବିଶେଷ କରିବା ପାଇଁ ସେଠାରେ ଏକ ଫୁଲବଗିଚା କରାଯିବାର ଯୋଜନା କରାଯାଇଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ କହିଥିଲେ। ଏହିଭିତି ପ୍ରସ୍ତର ସ୍ଥାପନ ସମୟରେ ପୋଲିସ ହାଉସିଂ କର୍ପୋରେସନର ଜଏଂଟ ମ୍ୟାନେଜର ଅ୍ୱେଶ କୁମାର ମହାନ୍ତି, ଡେପୁଟି ମ୍ୟାନେଜର ସୁନୀଲ କୁମାର ରାୟ ଓ ଆସିଷ୍ଟାଂଟ ମ୍ୟାନେଜର ଆଶିଷ ରାୟ ଉପସ୍ଥିତ ଥିଲେ।

# ସଂସ୍କୃତି ଓ ସଂସ୍କୃତିର ମିଳନୀ ସନ୍ଧ୍ୟା : ଭଲ ପାଇବାର ବର୍ଷର ଆନୁଷ୍ଠାନିକ ଶୁଭାରମ୍ଭ

ଭୁବନେଶ୍ୱର,୧୨।୧ (ନି.ପ୍ର): ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ସଂସ୍କୃତି' ଆନୁକୂଲ୍ୟରେ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏକ ମନୋଜ୍ଞ ମିଳନୀ ସମାରୋହରେ "ଭଲ ପାଇବାର ବର୍ଷ - ୨୦୨୧"ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ବହୁ ସାଧୁ, ସନ୍ଥ ଓ କଳାକାରମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡଃ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମହାମାରୀ କରୋନାର ଯନ୍ତ୍ରଣାଦାୟକ ଅନୁଭୂତି ପରେ ନବବର୍ଷ-୨୦୨୧କୁ ସ୍ୱାଗତ ଜଣାଇଥିଲେ। ଏହି ବର୍ଷରେ ପ୍ରତ୍ୟେକ ପରସ୍ପରକୁ ସ୍ନେହ ଓ ମମତା ବାଂଟିବା ସହିତ ଅନ୍ୟର ମୁହଁରେ ହସ ଫୁଟାଇବାକୁ ପ୍ରୟାସୀ ହେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ। 'ସଂସ୍କୃତି ଓ ସଂସ୍କୃତି'ର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଆଧ୍ୟାତ୍ମିକ ସାଧକ ସ୍ୱାମୀ ରାମନାରାୟଣ ଦାସ ମହାରାଜ ଉଦ୍‌ଘାଟନ କରିଥିବା ବେଳେ ମହାବୋଧି ସୋସାଇଟିର ବୌଦ୍ଧ ଭିକ୍ଷୁ ବୁଦ୍ଧଦତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଉଦୀୟମାନ ଭାଓଲିନ୍ ବାଦକ ରାକେଶ ବିଶ୍ୱାଳଙ୍କ ଶୁଭ ଜନ୍ମତିଥିରେ କେକ୍ କଟାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଲ ପାଇବାର ବର୍ଷର ଉଦ୍‌ଘାଟନ ଉପଲକ୍ଷେ ବହୁ କଳାକାରଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅବନୀକାନ୍ତ ଦାସ (ଗେନୁ), ଛନ୍ଦା ମିଶ୍ର, ଲୋଭା ବିଶ୍ୱାଳ, ଅନିନ୍ଦିତା ଦାସ, ପ୍ରତିଭା ପ୍ରଧାନ, ଇଂ. ବିଚିତ୍ରାନନ୍ଦ ଦେଓ, ପ୍ରଯୋଜକ ଶ୍ରୀଧର ମାର୍ଥା, ଅତିଶ କୁମାର ରାଉତ ଓ ସଂଳାପକାର ଡଃ ରଜନୀରଞ୍ଜନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଏହି ଉତ୍ସବରେ 'କାଦମ୍ବିନୀ'ର ସମ୍ପାଦିକା ଡଃ ଇତି ସାମନ୍ତ, ମହାବୋଧି ସୋସାଇଟିର ସମ୍ପାଦକ ସୌରେନ୍ଦ୍ର କୁମାର ମହାପାତ୍ର, ଶିକ୍ଷାବିତ୍ ଡଃ ବିମଳେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଇଂ. ଶ୍ରୀନିବାସୀ ଘଟୁଆରୀ (ମିଳନ୍) କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରବୀନ୍ଦ୍ର ବିଶ୍ୱାଳ ଓ ସମୀର କୁମାର ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସୁନ୍ଦରଗଡ ଜିଲ୍ଲାରେ କେମିତି ଚାଲିଛି ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା

## ବ୍ୟବସ୍ଥା: ୧୮ମାସର ଦରମା ନଦେଇ କାରଖାନା ମାଲିକ ଫେରାର

ରାଉରକେଲା,୧୨।୧ (ନି.ପ୍ର): ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରେ ଥିବା କଳକାରଖାନା ଗୁଡିକରେ କାମକରୁଥିବା ଠିକା ଶ୍ରମିକ ମାନଙ୍କୁ ସୁରକ୍ଷାଦେବାରେ ରାଜ୍ୟ ସେରକାରଙ୍କ ଶ୍ରମ ବିଭାଗ ଓ ରାଜ୍ୟ ଫାକ୍ଟ୍ରୀ ଓ ବୟଲର ବିଭାଗ ଫେଲ ମାରିଛି ,ତାର ଜ୍ୱଳନ୍ତ ଉଦାହରଣ ଥିଲା ଆରଏସପି ଦୁର୍ଘଟଣା। ବର୍ତମାନ ଆସିଛି ରାଜଗାଙ୍ଗପୁର ଠାରେ ଥିବା ଓଆଇଏସଏଲ କାରଖାନାର ନାମ ।ଏହି କାରଖାନା ଦିର୍ଘ ୧୮ ମାସ ଧରି କାରଖାନାରେ କାମ କରୁଥିବା କର୍ମଚାରୀ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ନଦେଇ କାରଖାନା ବନ୍ଦ କରି ଫେରାର ହୋଇଯାଇଥିଲେ। ୧-୪-୨୦୨୦ ରୁ କାରଖାନା ଲକଡାଉନ କରିଥିଲେ ବି ଏନେଇ ରାଜ୍ୟ ସରକାରଙ୍କ ଶ୍ରମ ବି ଭ ଗ କୁ ଜ ଣା ଇ ନ ଥି ବା କୁହାଯାଇଛି। ତେବେ ଏଠାରେ କାର୍ଯ୍ୟରତ ପ୍ରାୟ ୧୫୦୦ ଶ୍ରମିକ ସେମାନଙ୍କର ପ୍ରାପ୍ୟ ନପାଇ ବାରଦୁଆର ଶୁଣ୍ଡିପିଣ୍ଡା ହେବାରେ ଲାଗିଛନ୍ତି ।କରୋନା ଲାଗି ବଜାର ସ୍ଥିତି ଯାହା ରହିଛି ସେଥିରେ ଖୋଦ କାରଖାନା ମାଲିକ କାମକରିଥିବା ଶ୍ରମିକର ଦରମା ଗଣ୍ଡିକ ନଦେବାରୁ ତାର ପରିବାର ଲାଗି ନାନା ସମସ୍ୟା ଆଣି ଠିଆ କରିଛି। ଖାଲି ଦରମା ନୁହେଁ,ଏହି ଶ୍ରମିକ ମାନଙ୍କର ଇଏସଆଇ, ପିଏଫ, ଏଲଆଇସି ବାବଦକୁ ଯେଉଁ ଟଙ୍କା ପଇଠ କରାଜିବା କଥା ତାହା ମଧ୍ୟ ପଇଠ ହୋଇନାହିଁ। ଏନେଇ ସିଆଇଟିୟୁ ଶ୍ରମିକ ସଙ୍ଗଠନ ରାଜ୍ୟ ଶ୍ରମ ବିଭାଗର ରାଉରକେଲା ଅଫିସରେ ଜଣାଇଥିଲେ, ହେଲେ ନୋଟିସ ପରେ ନୋଟିସ ଗଲେ ମଧ ସରକାରୀ ନୋଟିସ ପାଇ ମଧ କଂପାନୀ ବାଲା କଲିକତାରୁ ଆସି ତାରିଖ କୁ ଆସୁନଥିବା ଜଣାପଡିଛି। ଜିଲ୍ଲାରେ ଖାଲି ଏହି କାରଖାନା ନୁହେଁ ପ୍ରାୟ କଳ କାରଖାନାରେ ଶ୍ରମିକ ମାନଙ୍କର ଅବସ୍ଥା ଏଇଆ ।ଶ୍ରମ ବିଭାଗର ବାବୁ ମାନେ ନିୟମିତ କାରଖାନାଗୁଡିକୁ ଯାଂଚ କରୁନଥିବା ବେଳେ ମାଲିକମାନଙ୍କ ସହ ସେମାନଙ୍କର ଭିତିରି ସଂପର୍କ ଯୋଗୁ କୁଆଡେ ଶ୍ରମିକ ଓ ୟୁନିଅନ ମାନେ ଏଭଳି ଲଢେଇରେ ଫେଲ ମାରୁଥିବା କୁହାଯାଉଛି। ଏଠାରେ ମଧ ସେଇ ପରିସ୍ଥିତି ହୋଇଥିବା କୁହାଯାଉଛି। ତେବେ ସିଟୁ ପକ୍ଷରୁ ଆଜିର ତାରିଖରେ ପହଁଚିବା ପରେ ଡିଏଲସି ପ୍ରଣବ ପାତ୍ର କାରଖାନା ପକ୍ଷରୁ କେହି ଆସିନଥିବା ଦେଖି ପରବର୍ତି ତାରିଖ ୨୨କୁ ରଖିଥିବା ସିଟୁ ପକ୍ଷରୁ କୁହାଯାଇଛି। ।

## ଖଡିଆଳ ଗୋଦାମରେ ୧୦୮୪ କ୍ୱିଂଟାଲ ମାଣ୍ଡିଆ ଗଚ୍ଛିତ

ନୂଆପଡା,୧୨।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରର ବିଜେପୁର ଗ୍ରାମ ସ୍ଥିତ ମଣ୍ଡି ଗୋଦାମରେ ୧୦୮୪ କ୍ୱିଂଟାଲ ମାଣ୍ଡିଆ ଗଚ୍ଛିତ ଥିବା ସୂଚନା ମିଳିଛି। ଜିଲ୍ଲାର ଖଡିଆଳ, ଡୁକଲା, ସିନାପାଲି, କେନ୍ଦୁମୁଣ୍ଡା, ହାତିବନ୍ଧା, ମିଛାପାଲି, କୋମନା, କାଣ୍ଡେତରା, ବୋଡେନ, ଖଇରା, କରଙ୍ଗାମାଲ, ଦର୍ଲିମୁଣ୍ଡା, ଧରମବନ୍ଧା ସହ ଜିଲାରେ ଥିବା ୧୫ ରୁ ଅଧିକ ମଣ୍ଡିରେ ମାଣ୍ଡିଆ କିଣାଯାଉଥିବା ସୂଚନା ମିଳିଛି। ଏହି ମାଣ୍ଡିଆ ସବୁ ଚାଷୀଙ୍କ ଠାରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ମଣ୍ଡି ମାଧ୍ୟମରେ କିଣାଯାଇଥିବା ନେଇ ପିସିଏମ ବିପ୍ର ବେହେରା ପ୍ରକାଶ କରିଛନ୍ତି। ଏହି ଗଚ୍ଛିତ ମାଣ୍ଡିଆ ସବୁ ଆଗାମୀ ଦିନରେ ଯୋଗାଣ ବିଭାଗ ଅଧିନରେ ଯିବ ବୋଲି ସୂଚନା ମିଳିଛି।

# ଚୋର ଗ୍ୟାଙ୍ଗର ତିନି ଗିରଫ

## ନଗଦ ୬୬ ହଜାର ଟଙ୍କା, ସୁନା ଚେନ୍, ମୁଦି, ଏଲଇଡି ଟିଭି, କମ୍ପ୍ୟୁଟର ଏଲସିଡି ଡିସପ୍ଲେ ସମେତ ୭୦ ମୋବାଇଲ୍ ଫୋନ୍ ଜବତ

ପୁରୀ,୧୨।୧ (ନି.ପ୍ର): ଏକ ସଂଗଠିତ ଓ ପେଷାଦାର ଅପରାଧୀ ଗ୍ୟାଙ୍ଗର ପର୍ଦାଫାସ କରିବାରେ ସଫଳ ହୋଇଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ପୋଲିସ। ଏହି ଗ୍ୟାଙ୍ଗ୍ ର ତିନି ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଚୋରା ସାମଗ୍ରୀ ସହିତ ନଗଦ ୬୬ ହଜାର ଟଙ୍କା ଜବତ ହୋଇଛି। ଗତ ଅକ୍ଟୋବର ୨୦ ତାରିଖ ରାତିରେ ସମ୍ଭୁଭାରତୀପାଟଣା ନିବାସୀ ରବିନ୍ଦ୍ର ବେହେରାଙ୍କ ଘରୁ ୧ ଲକ୍ଷ ୮୦ ହଜାର ଟଙ୍କା, ଏଲସିଡ଼ି ଟିଭି, ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିବା ସମ୍ବନ୍ଧରେ ବଳଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଗତ ଗତ ସେପ୍ଟେମ୍ବର ୧୨ ତାରିଖରେ ଭଗବତୀପୁର ନିବାସୀ ଜୟନ୍ତ ମହାପାତ୍ରଙ୍କ ଘରୁ ସୁନା ରୂପା ଅଳଙ୍କାର ଓ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିଲା। ଅନୁରୂପ ଭାବେ ଗତ ୫ ତାରିଖ ରାତିରେ ବଳଙ୍ଗା ବଜାରରେ ଥିବା ଗଣେଶ ବାରିକଙ୍କ ସେଲୁନରୁ କିଛି ଆସବାବପତ୍ର ଚୋରୀ ହୋଇଥିଲା। ଏହା ବ୍ୟତୀତ ଗତ ଡିସେମ୍ବର ୧୩ ତାରିଖରେ ବଳଙ୍ଗା ବଜାରରେ ଥିବା ଶେକ୍ ମୁସରଫଙ୍କ ଚିକେନ ଦୋକାନରୁ ୧୮ ହଜାର ୩୭୦ ଟଙ୍କା ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଚୋରି ଘଟଣାକୁ ଦୃଷ୍ଟିରେ ରଖି ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବଦତ ବରାଳଙ୍କ ନିର୍ଦ୍ଦେଶ ଓ ତଦାରଖରେ ବଳଙ୍ଗା ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ଓ ଥାନା କର୍ମଚାରୀ ଏସଆଇ ତପୋଇ ନାୟକ, ଏଏସଆଇ ଲକ୍ଷ୍ମୀଧର ଛୋଟରାୟ, ଏଏସଆଇ ଛୋଟରାୟ ଚେପରାସ, କନେଷ୍ଟବଳ ସୁକାନ୍ତ କୁମାର ସ୍ୱାଇଁ, ଦିଗମ୍ବର ବେହେରା ଏହାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଏହି ଚୋର ଗ୍ୟାଙ୍ଗର ତିନି ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ୬୬ ହଜାର ଟଙ୍କା, ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ଗୋଟିଏ ଏଲଇଡି ଟିଭି, କମ୍ପ୍ୟୁଟର ଏଲସିଡି ଡିସପ୍ଲେ ଦୁଇଟି, ୭୦ଟି ମୋବାଇଲ୍ ଫୋନ୍, ୧୭ଟି ଚାର୍ଜର, ୩ଟି ପାୱାର ବ୍ୟାଙ୍କ ଓ ଘର ଭାଙ୍ଗିବା ଯନ୍ତ୍ରପାତି ଜବତ କରିଛି। ବର୍ତମାନ ସୁଦ୍ଧା ୪ଟି ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଛି। ଅନ୍ୟାନ୍ୟ ଘଟଣାରେ ମଧ ସେମାନଙ୍କର ସମ୍ପୃକ୍ତି ରହିଥିବା ନେଇ ସନ୍ଦେହ କରାଯାଉଛି। ଗିରଫ ତିନି ଅଭିଯୁକ୍ତିଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଜଗନ୍ନାଥ ସାହୁ ଓରଫ ଜଗା, ବଳରାମ ସାହୁ ଓରଫ ବଳିଆ, ନିରଞ୍ଜନ ମହାପାତ୍ର ଓରଫ ଗୁଡୁ। ଏମାନଙ୍କ ଘର ବଳଙ୍ଗା ଥାନା ଅନ୍ତର୍ଗତ ସମ୍ଭୁଭାରତୀ ପାଟଣା ଗ୍ରାମରେ ବୋଲି ଜଣାପଡିଛି।

# ବକେୟା ଦରମା ଓ ପୁନଃନିଯୁକ୍ତି ଦାବିରେ ପିଏଜି ସଂଘର ଦାବିପତ୍ର

କନ୍ଧମାଳ,୧୨।୧ (ନି.ପ୍ର): ରାଜ୍ୟ ସରକାରଙ୍କ ପଂଚାୟତିରାଜ ବିଭାଗ ଅଧୀନରେ ଦୀର୍ଘ ୩ ବର୍ଷ ଧରି କାମ କରି ମଧ୍ୟ ପାରିଶ୍ରମିକ ପାଇ ନାହାନ୍ତି ଅସ୍ଥାୟୀ କର୍ମଚାରୀ। ଏନେଇ ମହାମହିମ ରାଜ୍ୟପାଳ ତଥା ମୂଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିବା ସହ ଭୂବନେଶ୍ୱରରେ ଆନ୍ଦୋଳନ ମଧ୍ୟ କରାଯାଇଛି। ତଥାପି କୌଣସି ଫଳ ମିଳି ନାହିଁ। ଅପର ପକ୍ଷରେ ରାଜ୍ୟ ସରକାର ଏମାନଙ୍କୁ ତାଙ୍କର ପ୍ରାପ୍ୟ ଦେବା ବଦଳରେ ଛଟେଇ କରିଛନ୍ତି। ଆଜି ଏହି କର୍ମଚାରି ମାନେ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କନ୍ଧମାଳ ଜିଲାପାଳଙ୍କ ଜରିଆରେ ଏହି ମର୍ମରେ ଏକ ଦାବୀପତ୍ର ମୂଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଦାବୀ ଅନୁସାରେ ଜିଲାର ପ୍ରତ୍ୟେକ ପଂଚାୟତରେ ଜଣେ ଲେଖାଏଁ ପିଏଜି ଭାବରେ ନିଯୁକ୍ତି ପାଇଥିଲେ। ତେବେ ନିଯୁକ୍ତ ସମୟର ଚୁକ୍ତି ଅନୁସାରେ ସେମାନଙ୍କୁ ପାରିଶ୍ରମିକ ଦିଆ ଯାଇ ନ ଥିଲା। ଏକ ବର୍ଷ କାମ କଲା ପରେ ସେମାନଙ୍କୁ କିଛି ଦିନ ପାଇଁ ପାରିଶ୍ରମିକ ମିଳିଥିଲା। ତେବେ ଏହା ଚୁକ୍ତି ମୁତାବକ ନଥିଲା ବୋଲି ପିଏଜି ସଂଘର ସଭାପତି ଅମୀୟ କୁମାର ବେହେରା ପ୍ରକାଶ କରିଛନ୍ତି। ଆଜି ପର୍ଯ୍ୟନ୍ତ ବଳକା ପ୍ରାପ୍ୟ ମିଳିପାରିନାହିଁ। ଅପରପକ୍ଷରେ ମାର୍ଚ୍ଚ ୨୦୨୦ରେ ସେମାନଙ୍କୁ ସରକାର ପ୍ରାପ୍ୟ ଦେବା ବଦଳରେ ଛଟେଇ କରି ଦେଇଥିଲେ। ପିଏଜି ସଂଘ ପକ୍ଷରୁ ବାରମ୍ବାର ସରକାରଙ୍କ ନିକଟରେ ଦାବି ଏବଂ ଆନ୍ଦୋଳନ ସତ୍ତ୍ୱେ କେହି ସେମାନଙ୍କ ଗୁହାରୀ ଶୁଣି ନ ଥିଲେ। ତେଣୁ ପିଏଜି ସଂଘର ଏକ ଏକ ପ୍ରତିନିଧି ଦଳ ଆଜି ଫୁଲବାଣୀ ଆସି କନ୍ଧମାଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ନିଜ ଦାବି ଉପସ୍ଥାପିତ କରିଛନ୍ତି। ସଂଘର ଦାବି ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମସ୍ତ ବକେୟା ପାରିଶ୍ରମିକ ଦେବା ସହ ପଂଚାୟତିରାଜ ବିଭାଗ ମାଧ୍ୟମରେ ପୁନଃ ନିଯୁକ୍ତି ଦିଆଯାଉ। ନଚେତ ଆଗକୁ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଘ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ସଂପାଦକ ବିଘ୍ନରାଜ ବେହେରାଙ୍କ ସମେତ ହେମନ୍ତ ନାୟକ , ଲାଲ ମୋହନ କହଁର , ମନୋରଂଜନ ମଲିକ , ଶରତ କୁମାର ମାଝୀ , ସିକନ୍ଦର ପ୍ରଧାନ , କୁମାର ପାତ୍ର , ହୃଷିକେଶ ପ୍ରଧାନ , ଶୋସବନ୍ତ ପ୍ରଧାନ ଓ ଅନ୍ୟମାନେ ସାମିଲ୍ ହୋଇଥିଲେ।

# ନାନାବିଧ ସମସ୍ୟା ମଧ୍ୟରେ ଅଣିଜୋର ବାବା ପ୍ରତାପ ସିନ୍ଧୁକେଶ୍ୱରଙ୍କ ପୀଠ

ଭଦ୍ରକ,୧୨।୧ (ନି.ପ୍ର): କେଉଁ ଆବାହମାନ କାଳରୁ ବନ୍ତ ବ୍ଲକ ଅଣିଜୋ ଠାରେ ଅଧିଷ୍ଠିତ ଥିବା ଆରାଧ୍ୟ ଦେବତା ବାବାପ୍ରତାପ ସନ୍ଧୁଶ୍ୱେର ମହାଦେବ ଆଜି ନାନା ସମସ୍ୟା ମଧ୍ୟରେ ଗତିକରୁଛନ୍ତି। ପୀଠର ଆର୍ବିଭାବ ସଂପର୍କରେ ଲୋକ କଥାରୁ ଜଣାଯାଏ ସେ ଯେଉଁ ସ୍ଥାନରେ ପୂଜା ପାଉଛନ୍ତି ତାହା ସେବେ ଥିଲା ଘୋର ଜଙ୍ଗଲ ରେ ପରିପୂର୍ଣ୍ଣ। ଏବେ ପ୍ରଭୁ ନିଜସ୍ୱ ମନ୍ଦିରେ ପୂଜାପାଉଛନ୍ତି। ୧ ଏକର ଜମିରେ ଏକ ବିରାଟ ପୁଷ୍କରିଣୀ ଖନନ କରିଥିଲେ ।ଯାହା କୁଣ୍ଡ ପୁଷ୍କରିଣୀ ନାମରେ ନାମିତ ହୋଇଥିଲା। ହେଲେ ଯେଉଁ ପବିତ୍ର ଜଳରେ ପ୍ରଭୁଙ୍କର ନୀତି ସେବା କରାଯାଇ ଯାହାର ଜଳରେ ସ୍ନାନକରି ପ୍ରଭୁଙ୍କର ଦର୍ଶନ କଲେ ମହାପାତକ ନାଶ ହେଉଥିଲା। ଆଜି ତାହା ବର୍ଷବର୍ଷ ଧରି ମରାମତି ଭାବରୁ ଦଳଗାଡ଼ିଆରେ ପରିପୂର୍ଣ୍ଣ ହୋଇଛି। ସେ ମସମୟ ରେ ବାବା ସିନ୍ଧୁକେଶ୍ୱରଙ୍କର ନାମରେ ୩୬୫ ଏକର ଜମିଥିବାର ପର୍ବସୂଚନାରୁ ଜଣାଯାଏ। ଉକ୍ତ ଜମିର ଆୟ ଅର୍ଥରେ ବାବା ଙ୍କର ବାରମାସରେ ତେର ପର୍ବ ବହୁ ଆଡ଼ମ୍ବରରେ ସଂପାଦିତ ହେଉଥିଲା। ଏହି ସେବା ପାଇଁ ଅଣିଜୋ ଗ୍ରାମର ୩୯ ଜଣ ବ୍ରାହ୍ମଣ ପରିବାରଏହି ବ୍ୟବସ୍ଥାରେ ରହିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଉକ୍ତ ଜମି ଅଜି ବିନା କାରଣ ରେ ବିକ୍ରୟ ହୋଇ ଏବେ ମାତ୍ର ୧୮ ଏକର ଥିବା ର ଗ୍ରାମବାସୀମାନେ ପ୍ରକାଶ କରନ୍ତି। ବାବାଙ୍କର ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଥିବା କୁଣ୍ଡ ପୋଖରୀ ୧ ଏକର ଜମିରେ ନିର୍ମିତ ହୋଇଥିବା ବେଳେ ତାଙ୍କ ମନ୍ଦିର ବେଢାର ଲମ୍ବ ୯୯ ଫୁଟ୍ ଏବଂ ଓସାର ୬୬ ଫୁଟ୍। ବେଢାର ଚାରି କଡ଼ରେ ହନୁମାନ , ଶ୍ରୀ ଜଗନ୍ନାଥ , ଶ୍ରୀ ଗଣେଷ ଏବଂ ଦେବୀ ପାର୍ବତୀ ଙ୍କର ମୂର୍ତି ରହିଛି। ମଝିରେ ତାଙ୍କର ବିଶାଳକାୟ ବୀଗ୍ରହ। ଏହି ମନ୍ଦିରର ଉଚ୍ଚତା ୭୫ ଫୁଟ୍ ହୋଇଥିବା ବେଳେ ଦୈର୍ଘ୍ୟ ୨୮ ଫୁଟ୍ ଅଟେ। ମନ୍ଦିର ସମ୍ମୁଖରେ ଦୁଇ ସିଂହ ଏବଂ ଷଣ୍ଢର ପ୍ରତିମୂର୍ତି ବିଦ୍ୟମାନ। ଯାହା ମାଆ ପାର୍ବତୀ ଏବଂ ଶିବଙ୍କର ବାହାନ ଅଟନ୍ତି ।ମନ୍ଦିର ପାର୍ଶ୍ୱରେ ଅବସ୍ଥିତ ଥିବା ପବିତ୍ର କର୍ଣ୍ଣ ପୁଷ୍କରିଣୀ ଓ ଦୁଇଗୋଟି ବୃହତକାୟ ଧାନ ଅମାର ଆଜି କେବଳ କିମ୍ବଦନ୍ତି ପାଲଟିଛି। ହେଲେ ଆଜି ବାବା ଙ୍କର ସେବାପୂଜାରେ ନାନା ସମସ୍ୟା ଦେଖାଯାଇଥିବାର ଦେଖାଯାଇଛି। ଠାକୁରଙ୍କ ନାମରେ ଥିବା ଜମି ର ସଠିକ ଉପଯୋଗ ହୋଇନଥିବାରୁ ଓ ସରକାରୀ ସାହାର୍ଯ୍ୟ ସହଯୋଗ ନଥିବାରୁ ପ୍ରଭୁଙ୍କର ଦୈନନ୍ଦିନ ପୂଜା ନୀତି ରେ ନାନା ସମସ୍ୟା ଦେଖାଯାଉଛି। ଅନ୍ୟପକ୍ଷରେ ମନ୍ଦିରର ରକ୍ଷଣା ବକ୍ଷେଣ ରେ ଅର୍ଥ ବାଧକ ସାଜିଛି। ବଦାନ୍ୟ ବ୍ୟକ୍ତି ଙ୍କ ଦାନରେ ଉକ୍ତ ମନ୍ଦିରର ରଂଗ ଦିଆଯିବା ସହ ଅନ୍ୟାନ୍ୟ କାର୍ଯ୍ୟ ଚାଲୁଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ପରି ମନେ ହୋଇଛି। ଫଳରେ ଉକ୍ତ ଅଂଚଳରେ ଥିବା ଅଧିଷ୍ଠିତ ଦେବଙ୍କର ବିଭିନ୍ନ ଅତ୍ୟାବଶ୍ୟକୀୟ ସମାଗ୍ରୀ ପରିପୁରଣ ରେ ବହୁ ଅଭାବ ପରିଲକ୍ଷିତ ହୋଇଛି। ଉକ୍ତ ମନ୍ଦିର ଉନ୍ନତି କରଣ ଓ ଅତ୍ୟାବଶ୍ୟକ ହୋଇଥିବା ନାନା ବିଧ ସମସ୍ୟା ବିଷୟରେ ଦେବତର ବିଭାଗ ସହ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଅଂଚଳ ବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ଟ୍ରାଭେଲିଂ ଫ୍ୟାଶନ୍

ଟ୍ରାଭେଲିଂ ସମୟରେ ପୋଷାକ ବାଛିବାକୁ ଭାରି ଅଡୁଆରେ ପଡନ୍ତି ଅଧିକାଂଶ ଝିଅ । କାରଣ ସେମାନଙ୍କୁ ଉଭୟ ଷ୍ଟାଇଲିଶ୍ ଏବଂ ଆରାମଦାୟକ ପୋଷାକ ଦରକାର । ଜିନ୍ସ ନା ପଲାଜୋ, ସାର୍ଟ ନା ସର୍ଟ କ'ଣ ପିନ୍ଧିବେ ? ଟ୍ରାଭେଲିଂ ସମୟରେ କେଉଁଭଳି ପୋଷାକ ପିନ୍ଧିଲେ ଆପଣ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ରହିଲା କିଛି ଟିପ୍ସ ।

## ଫ୍ୟାଶନ

**ସର୍ଟ ପ୍ୟାଣ୍ଟ :**

ଯଦି ରୋଡ୍ ଟ୍ରିପ୍‌ର ପ୍ଲାନ୍ କରୁଛନ୍ତି, ଏଥିପାଇଁ ସର୍ଟ ପ୍ୟାଣ୍ଟ ଭଲ ହେବ । ସର୍ଟସ୍ ସହିତ ଛୋଟ ସ୍ଲିଭ୍ ଟି ସାର୍ଟ ପିନ୍ଧିପାରିବେ । ସ୍ୟାଣ୍ଡେଲ ଜାଗାରେ କାନଭାସ୍ ଜୋତା କ୍ୟାରି କଲେ ପାଦକୁ ଆରାମ ଲାଗବା ସହିତ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।





**ଲଙ୍ଗ୍ ସ୍କର୍ଟ :**

ରେଳ ଯାତ୍ରା ଅଧିକକ ଏବଂ ଭିଡ଼ ରହିଥାଏ । ତେଣୁ ରେଳ ଯାତ୍ରା ସମୟରେ ସାଲୱାର କମିଜ ଏବଂ ଲଙ୍ଗ୍ ସ୍କର୍ଟ ସବୁଠୁ ଭଲ ଅପସନ୍ । ହାଇହିଲ୍ ପରିବର୍ତ୍ତେ ଫ୍ଲାଟ୍ ସ୍ୟାଣ୍ଡେଲ୍ ପିନ୍ଧନ୍ତୁ । ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ସ୍ଥାନରେ ସ୍ଲିଙ୍ଗ୍ ବ୍ୟାଗ୍ ଭଲ ମାନିଥାଏ । ଏଥିରେ ଟଙ୍କା, ସାନିଟାଇଜର ଏବଂ ନିଜର ମେକଅପ୍ ସାମଗ୍ରୀ ରଖିପାରିବେ ।

**ଜିନ୍ସ ସହିତ ସ୍ୱେଟସାର୍ଟ :**

ଆପଣଙ୍କ ଯାତ୍ରା ଅଧିକ ଲମ୍ବା । ଏଥିପାଇଁ ଆପଣଙ୍କୁ ବାଟରେ ରହି ରହି ଯିବାକୁ ପଡିବ । ହେଲେ କେଉଁ ଭଳି ପୋଷାକ ପିନ୍ଧିବେ ଜାଣି ପାରୁନାହାନ୍ତି । ଏଥିପାଇଁ ଜିନ୍ସ ସହିତ ଲଙ୍ଗ୍ ଟିସାର୍ଟ ସ୍ୱେଟସାର୍ଟ ପିନ୍ଧିପାରିବେ । ଆରାମ ଲାଗିବ । ହାଲୁକା ମେକଅପ୍ ନିଅନ୍ତୁ ଏବଂ ଅଧିକ ଓଜନର ଜୁଏଲାରୀକୁ ନା କରନ୍ତୁ । ହାତରେ ମେଟାଲ ଘଣ୍ଟା ପରିବର୍ତ୍ତେ ଲେଦର ଘଣ୍ଟା ପିନ୍ଧନ୍ତୁ । ଶୋଇବାରେ ଅସହଜ ଅନୁଭବ ହେବନି ।

**ଋତୁ ହିସାବରେ ଆଉଟଫିଟ୍ :**

ଗୋଟିଏ ସହରରୁ ଅନ୍ୟ ସହରକୁ ଯାତ୍ରା କରୁଛନ୍ତି । ସହରର ତାପମାତ୍ରା ଅଧିକ ଥାଇପାରେ ନହେଲେ କମ୍ । ଏମିତିରେ ଲେୟର ଆଉଟଫିଟ୍ ବେଷ୍ଟ୍ ରହିଥାଏ । ଋତୁ ଯେମିତି ରହୁ ନା କାହିଁକି ଆପଣଙ୍କୁ କିଛି ଫରକ ପଡିବନି । ଏମିତି ଟ୍ରିପ୍ କରୁଥିଲେ ଜିନ୍ସ ପରିବର୍ତ୍ତେ ଖଦି ପ୍ୟାଣ୍ଟ ମଧ ପିନ୍ଧିପାରିବେ । ପ୍ଲେନ୍ ଟିସାର୍ଟ ଉପରେ ପ୍ରିଣ୍ଟେଡ୍ ଜ୍ୟାକେଟ୍ ଏତିକିରେ ପାଇପାରିବେ ଷ୍ଟାଇଲିଶ୍ ଲୁକ୍ । ଏହା ସହିତ କାନଭାସ୍ ସୁଜ୍ କିମ୍ବା ଜୁତି ଟିମଅପ୍ କରନ୍ତୁ । ହଁ, ଆପଣଙ୍କ ମନପସନ୍ଦର ସନଗ୍ଲାସ୍ ପିନ୍ଧିବା ଭୁଲନ୍ତୁ ନାହିଁ ।



**ଯାତ୍ରା ପସନ୍ଦ ନଥିଲେ :**

ଆପଣଙ୍କୁ ଟ୍ରାଭେଲ କରିବା ପସନ୍ଦ ନୁହେଁ । କିନ୍ତୁ ସବୁବେଳେ ଗାଡିରେ ଅପଡାଉନ୍ କରିବାକୁ ପଡିଥାଏ । ଏଥିପାଇଁ ଜିନ୍ସ ଟିସାର୍ଟ ନୁହେଁ ବରଂ କଟନର ୱାନ୍ ପିସ୍ ଡ୍ରେସ୍ ପିନ୍ଧନ୍ତୁ । ଷ୍ଟାଇଲିଶ୍ ଲାଗିବେ । ନହେଲେ ପାଲାଜୋ ସହିତ କୁର୍ତ୍ତି ଟିମ୍ଅପ୍ କରନ୍ତୁ । ଯାତ୍ରା ଆରାମଦାୟକ ରହିବ ।

# ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।








## ରାଜଘାଟ




ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।

## ଗାନ୍ଧୀ ସଂଗ୍ରହାଳୟ






ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ ଦିଆଯାଇଛି ।

# ଉପକାରୀ ପତ୍ର

ପତ୍ର ଯେ କେବଳ ଗାଈ-ଗୋରୁଙ୍କ ତୃଣଭୋଜୀଙ୍କ ନିମନ୍ତେ ଉଦ୍ଦିଷ୍ଟ, ତାହା ନୁହେଁ । ମଣିଷ ମଧ୍ୟ କେତେକ ରୋଗ କବଳରୁ ବର୍ତ୍ତିବା ଲାଗି ବିଧି ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ ପତ୍ର ଭକ୍ଷଣ କରିବା ଉଚିତ । ମହାଦେବ, ପାର୍ବତୀଙ୍କୁ ଏଭଳି ଉପଦେଶ ଦେଇଥିବା ପ୍ରାଚୀନ ଶାସ୍ତ୍ରାଦିରେ ବର୍ଣ୍ଣିତ । ମାର୍ଗଶିରରେ ଧନିଆ ପତ୍ର, ପୌଷରେ କାଇଞ୍ଚ ପତ୍ର, ମାଘରେ କଳରା ପତ୍ର, ଫଗୁଣରେ କଳମ ଶାଗ, ଚୈତ୍ରରେ ନିମ୍ବ ପତ୍ର, ବୈଶାଖରେ ସୁନୁସୁନିଆ ଶାଗ, ଜ୍ୟେଷ୍ଠରେ ବେଲ ପତ୍ର, ଆଷାଢ଼ରେ ବରଡା ପତ୍ର, ଶ୍ରାବଣରେ କୁସୁମ ପତ୍ର, ଭାଦ୍ରବକରେ ନୀଳ କଇଁ ପତ୍ର, ଆଶ୍ୱିନରେ ତାଳମୂଳୀ ପତ୍ର ଏବଂ କାର୍ତ୍ତିକ ମାସରେ ଅଗସ୍ତି ପତ୍ର ଖାଇଲେ ଚର୍ମ ରୋଗ ହୁଏନାହିଁ । ଦୃଷ୍ଟିଶକ୍ତି ତୀକ୍ଷ୍ଣ ହୁଏ; ଦନ୍ତ ଓ ମାଢ଼ି ଶକ୍ତ ହୁଏ; କେଶ ପାଚେନାହିଁ; ସର୍ବୋପରି ଭୂତାଣୁ ଜନିତ ଜ୍ୱର ସହଜରେ ଆକ୍ରମଣ କରିପାରେ ନାହିଁ ।

# ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।




ବାହାରକୁ ବଣଭୋଜି କରିବା ଲାଗି ଗଲେ କିମ୍ବା ବୁଲାବୁଲି କରିବାକୁ ଯାଇଥିଲେ ଏକାଧିକ ଜିନିଷ ବୋହିନେବା କଷ୍ଟକର ଲାଗେ । ଏପରି ସ୍ଥିତିକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ଚାମଚ ତିଆରି କରାଯାଇଛି ଯାହା ଉଭୟ ଚାମଚ, କଣ୍ଟାଚାମଚ ଏବଂ ରୋଷେଇ ପାଇଁ କରଚୁଲି ଭାବେ ବ୍ୟବହାର କରାଯାଇପାରିବ । ୧୦.୫ ଇଞ୍ଚ ଲମ୍ବା ଏହି ଉପକରଣଟି ନମନୀୟ ରବରରେ ତିଆରି ତେବେ ଏହାକୁ ଡିସୱାଶର ଏବଂ ଫୁଟାପାଣିରେ ବି ପକାଇ ସଫା କରିପାରିବେ ।

# ପଇଡ଼ ପାଣି

ଭାରତର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ନଡ଼ିଆ ବିପୁଳ ପରିମାଣରେ ଉତ୍ପାଦିତ ହୁଏ । ଶରୀର ପାଇଁ ଏହା ଅତ୍ୟନ୍ତ ଉପକାରୀ । ସେହିପରି ପଇଡ଼ ପାଣି ମଧ କମ ଉପକାରୀ ନୁହେଁ । ପ୍ରତି ପଇଡ଼ରେ ହାରାହାରି ୨୦୦ରୁ ୨୫୦ ମିଲିଲିଟର ପାଣି ରହିଥାଏ, ଯାହା ବିଭିନ୍ନ ଭିଟାମିନ, କ୍ୟାଲସିଅମ, ଟେଟୋସିୟମ ଓ ଫାଇବରରେ ପରିପୂର୍ଣ୍ଣ । ତା ସହିତ ଏହି ପାଣି ଆଣ୍ଟି ଅକ୍ସିଡେଣ୍ଟର ଏକ ପ୍ରମୁଖ ଉତ୍ସ ।



- ➢ପଇଡ଼ ପାଣିରେ ଥିବା ଏକାଧିକ ପୋଷକ ତତ୍ତ୍ୱ ଶରୀରକୁ ସୁସ୍ଥ ରଖେ । ଏହାର ଆଣ୍ଟି-ଅକ୍ସିଡେଣ୍ଟ ଗୁଣ ତ୍ୱଚା ଓ କେଶ ଉପରେ ବୟସର ପ୍ରଭାବ ହ୍ରାସ କରେ ।
- ➢ହୃଦରୋଗୀଙ୍କ ପାଇଁ ନିୟମିତ ବ୍ୟାୟାମ ଓ ସନ୍ତୁଳିତ ଖାଦ୍ୟ ନିହାତି ଜରୁରୀ । ତା ସହିତ ପଇଡ଼ ପାଣି ମଧ ସେମାନଙ୍କ ପାଇଁ ହିତକାରୀ । ଏହା 'ଲିପିଡ ମେଟାବୋଲିଜମ'କୁ ନିୟନ୍ତ୍ରିତ କରେ । ଫଳରେ ହୃଦଘାତ ଆାଙ୍କ କମ ହୁଏ, ତେବେ ଏଥିପ୍ରତି ସତର୍କତା ଅବଲମ୍ବନ କରାଯିବା ଉଚିତ । କାରଣ ଏଥିରେ ଶର୍କରାଥାଏ, ଯାହା ହୃଦରୋଗୀଙ୍କ ପାଇଁ କ୍ଷତିକାରକ ହୋଇପାରେ । ତେଣୁ ନିୟମିତ ପଇଥଡ଼ ପାଣି ପିଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।
- ➢ଉଚ୍ଚ ରକ୍ତଚାପ ଭୋଗଥିବା ରୋଗୀଙ୍କ ପାଇଁ ପଇଡ଼ ପାଣି ଏକ ଉତ୍ତମ ପାନୀୟ କୋଲେଷ୍ଟରଲ ନିୟନ୍ତ୍ରଣ କରିବାର କ୍ଷମତା ମଧ ଏହାର ରହିଛି । ଏହାର 'ଆଣ୍ଟି-ଥ୍ରୋମ୍ବାଟିକ' ଗୁଣ ରକ୍ତ ସଚାଳନକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ । ତେଣୁ ଏହି ରୋଗୀ ପ୍ରତିଦିନ ଗୋଟିଏ ଗ୍ଲାସ ତାଜା ପଇଡ଼ ପାଣି ପିଇବା ଉଚିତ ।
- ➢ପଇଡ଼ପାଣି ଏକ ମୂତ୍ରବର୍ଦ୍ଧକ ଉପାଦାନ । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆ ତତ୍ତ୍ୱ କିଡନୀରେ ସହଜରେ ପଥର ଜମିବାକୁ ଦିଏ ନାହିଁ ।
- ➢ନିୟମିତ ପଇଡ଼ ପାଣି ପିଇବା ହେଉଛି ଓଜନ କମ କରିବାର ଅନ୍ୟତମ ସହଜ ଉପାୟ । ଏଥିରେ 'ୱାଟର ଡାରଟନ' ନାମକ ଏକ ଫାଇବର ଥାଏ ଯାହା ଖାଦ୍ୟକୁ ଧୀରେଧୀରେ ହଜମ କରେ । ଫଳରେ ଶୀଘ୍ର ଭୋଗ ହୁଏ ନାହିଁ ।
- ➢ଶରୀରର ପାଣି ଅଂଶ କମି ଗଲେ ଡିହାଇଡ୍ରେସନ ହୁଏ । ସେ ସମୟରେ ପଇଡ଼ ପାଣି ପିଇଲେ ଏହି ସମସ୍ୟା ଦୂର ହୋଇଥାଏ । ଶରୀରରେ କ୍ୟାଲସିଅମ ମାତ୍ରା କମିଗଲେ ହାଡ଼ ଦୁର୍ବଳ ହୁଏ । ବିଶେଷ କରି ମହିଳାମାନଙ୍କଠାରେ ଦେଖାଯାଏ । ତେଣୁ ସେମାନଙ୍କୁ ପଇଡ଼ ପାଣି ପିଇବାକୁ ପରାମର୍ଶ ଦିଆଯାଏ ।
- ➢ଅଲଜାଇମର ରୋଗୀ ପଇଡ଼ ପାଣି ପିଇବା ଉଚିତ । କାରଣ ବୈଜ୍ଞାନିକମାନଙ୍କ କହିବା ଅନୁସାରେ ଏଥିରେ 'ଟ୍ରାନ୍ସ-ଜେଟିନ' ନାମକ ଏକ ପ୍ରକାର ସାଇଟୋକିନିନ (କୋଷିକା ବିଭାଜନକୁ ବଢ଼ାଉଥିବା ଏକ ପ୍ରକାର ହର୍ମୋନ) ଥାଏ । ଫଳରେ ଏହା ମସ୍ତିଷ୍କର କୋଷିକାଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ସ୍ମରଣ ଶକ୍ତି ବୃଦ୍ଧି କରେ ।

# ମେଗାପଡ ଏଗ ଫିଲ୍ଡ

ଅଧିକାଂଶ ପକ୍ଷୀ ନିଜ ଶରୀରର ତାପମାତ୍ରାରେ ଅଣ୍ଡା ଉଷୁମାନ୍ତି କିନ୍ତୁ ମେଗାପଡ ସେପରି କରେ ନାହିଁ । ମେଗାପଡ ଦେଖିବାକୁ କୁକୁଡ଼ା ଭଳି । ମାଟିରେ ସେମାନେ ଅଣ୍ଡା ପୋତି ସେହି ଉତ୍ତାପରେ ଅଣ୍ଡା ଫୁଟାନ୍ତି । ମାଟିରେ ପତ୍ର ଆଦି ରଖି ସେମାନେ ଅଣ୍ଡା ପୋତନ୍ତି । ସେମାନଙ୍କର ଏହି ବସା ମେଲ ମେଗାପଡ ତିଆରି କରନ୍ତି ଓ ଯଦି ଅଣ୍ଡାଗୁଡ଼ିକ ତା' ଭିତରେ ଉଷୁମରେ ନ ରହେ ତା' ହେଲେ ତା' ପାଇଁ ଦାୟୀ ମେଲମେଗାପଡ଼ଙ୍କୁ କରାଯାଏ । ଫିମେଲ ଅଣ୍ଡା ଦେବା ପରେ ସେହି ସ୍ଥାନ ଛାଡ଼ି ଚାଲିଯାଏ । ସେହି ସ୍ଥାନର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ତା' ଉପରେ ମାଟି ତଥା ପତ୍ର ପକାଯାଏ । ଏହି ପକ୍ଷୀ ହିଁ ନିଜେ ମାଟି ଖୋଳି ଅଣ୍ଡା ବାହାର କରନ୍ତି । ମେଗାପଡ଼ ତା ଛୁଆର ଯତ୍ନ କେବେ ନେଇ ନ ଥାଏ କି ଖାଇବାକୁ ଖାଦ୍ୟ ଯୋଗାଏ ନାହିଁ । ମେଗାପଡ ଫାମିଲିରେ ୨୦ ପ୍ରଜାତି ଅଛନ୍ତି । ଇଣ୍ଡୋନେସିଆ, ନ୍ୟୁଗୁନିଆ, ପଲିନେସିଆ, ଆଣ୍ଡାମାନ ତଥା ନିକୋରବର ଦ୍ୱୀପପୁୟଜରେ ଏମାନେ ଦେଖାଯାନ୍ତି । ଏହି ଦ୍ୱୀପପୁଞ୍ଜର ଅଧିବାସୀମାନେ ମେଗାପଡ ଅଣ୍ଡାକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି । କୁକୁଡ଼ା ଅଣ୍ଡାଠାରୁ ଏହି ଅଣ୍ଡା ପଚାଶ ପ୍ରତିଶତ ବଡ଼ । ଏହାର ଉପର ଖୋଳପା ପତଳା ଓ କେଶର ଆକାର ଖୁବ ବଡ଼ । ଏହି ସବୁ ସ୍ଥାନମାନଙ୍କରେ ମେଗାପଡ଼ ଅଣ୍ଡାକୁ ଡାଏଟର ମୁଖ୍ୟ ଭାବେ ଗ୍ରହଣ କରାଯାଏ ଏବଂ ଏହି ଅଣ୍ଡା ହିଁ ସେମାନଙ୍କ ରୋଜଗାରର ମୁଖ୍ୟ ମାଧ୍ୟମ । ।ସାଭୋ ଦ୍ୱୀପପୁଞ୍ଜରେ ବଡ଼ 'ଏଗଫିଲ୍ଡ' ରହିଛି । ସେହି ସ୍ଥାନରେ ମେଗାପଡ ତିନିରୁ ଚାରି ଫୁଟ ଗଭୀରରେ ଅଣ୍ଡା ପୋତିଥାଏ । ଏହି ସ୍ଥାନରେ ହଟ ମଡ ଲେକ ରହିଛି ଓ ଏହାର ମାଟି ପ୍ରାକୃତିକ ଭାବେ ଉଷ୍ମ ରହିଥାଏ । ପକ୍ଷୀମାନେ ସନ୍ଧ୍ୟା ନଚେତ ରାତିରେ ଅଣ୍ଡା ରଖିବାକୁ ଏହି ସ୍ଥାନକୁ ଆସନ୍ତି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୩ ଜାନୁଆରୀ ୨୦୨୧, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଳ୍ପ ଆୟୁ...

ଏକ ପୂର୍ଣ୍ଣାଙ୍ଗ ଜୀବନର ଅର୍ଥ କ'ଣ-ଦୀର୍ଘ କାଳ ବଂଚିବା ? ଦୀର୍ଘକାଳ ବଂଚି ରହିଲେ ଏହାରି ଭିତରେ ଜୀବନର ସବୁଯାକ ଆଶା ଆକାଂକ୍ଷା ପୂରଣ ହୋଇଯିବ ବୋଲି କ'ଣ କିଛି ନିଶ୍ଚିତତା ଅଛି ? ଏମିତି କିଛି ପ୍ରଶ୍ନ ସାମ୍ନାକୁ ଆସିଛି ଭାରତର ବୟୋବୃଦ୍ଧ ବ୍ୟକ୍ତିମାନଙ୍କ ଉପରେ ପ୍ରଥମଥର ପାଇଁ କରାଯାଇଥିବା ବିଶ୍ୱର ଏକ ସର୍ବବୃହତ୍ ସର୍ଭେରୁ। ଜାତିସଂଘ ମତରେ ଦୀର୍ଘ ଜୀବନ ବିତାଉଛନ୍ତି: ୨୦୫୦ ସୁଦ୍ଧା ଭାରତରେ ୬୦ ଓ ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କ ସଂଖ୍ୟା ୩୧୯ ମିଲିଅନରେ ପହଂଚିଯିବ ଯାହା ୨୦୧୧ ଜନଗଣନା କାଳରେ ଆକଳନ କରାଯାଇଥିବା ସଂଖ୍ୟାର ପାଖାପାଖି ତିନିଗୁଣ ଅଧିକ-୨୦୧୧ରେ ମୋଟ ଜନସଂଖ୍ୟାର ମାତ୍ର ୯ ପ୍ରତିଶତ ଥିବା ୬୦+ ଲୋକଙ୍କ ସଂଖ୍ୟା ୨୦୫୦ ବେଳକୁ ୨୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପୁନଶ୍ଚ, ସମାଜରେ ବୃଦ୍ଧାବସ୍ଥା ଆଡ଼କୁ ଅଗ୍ରସର ହେବାର ହାର ଅତ୍ୟଧିକ ଦ୍ରୁତ। ଆଉ ଏହି ବୟଃବୃଦ୍ଧ ଜନସଂଖ୍ୟା ସାମ୍ନା କରିବାକୁ ଯାଉଥିବା ଆହ୍ୱାନଗୁଡ଼ିକୁ ଅଧ୍ୟୟନ ସମ୍ମୁଖକୁ ଆଣିଛି। ସମ୍ପନ୍ନ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ ଦେଶର ପ୍ରାୟ ୪୫ ମିଲିଅନ୍ ବୟସ୍କ ବ୍ୟକ୍ତି କାର୍ଡିଓ ଭାସ୍କୁଲାର ରୋଗ ଏବଂ ହାଇପର୍‌ଟେନସନ; ପ୍ରାୟ ୨୦ ମିଲିଅନ୍ ଡାଇବେଟିସର ଶିକାର ହୋଇଥିବା ବେଳେ ୨୪ ପ୍ରତିଶତ ଲୋକ ନିଜର ଦୈନନ୍ଦିନ କର୍ମ ସମ୍ପାଦନ କରିବାରେ ଅସୁବିଧା ଭୋଗୁଛନ୍ତି। ଏସବୁ ଗତ ବୁଧବାର ଦିନ ପ୍ରକାଶ ପାଇଥିବା ଲଙ୍ଗିଚ୍ୟୁଡିନାଲ ଏଜେଇଂ ଷ୍ଟଡି ଇନ୍ ଇଣ୍ଡିଆ (ଲାସି-ଏଲ୍‌ଏଏସ୍‌ଆଇ)ର ପ୍ରଥମ ଭାଗ ରିପୋର୍ଟରୁ ଜଣାପଡ଼ିଛି। କେବଳ ଏତିକି ନୁହେଁ, ଭାରତର ପ୍ରାୟ ୭୫ ମିଲିଅନ୍ ବୟସ୍କ ଲୋକ ଦୀର୍ଘକାଳୀନ ରୋଗର ଶିକାର। ଏତଦ୍ ବ୍ୟତୀତ ଉପରୋକ୍ତ ତଥ୍ୟାବଳୀରୁ ବୟସ୍କ ବ୍ୟକ୍ତିମାନଙ୍କ ଶାରୀରିକ ସମସ୍ୟା ପାଇଁ ପ୍ରସ୍ତୁତି ଦୃଷ୍ଟିରୁ ଦେଶର ଅବସ୍ଥା କେତେ ଖରାପ, ତାହା ସହଜରେ ଜଣାପଡ଼େ: ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାରମାନଙ୍କ ମଧ୍ୟରୁ ମାତ୍ର ୩୦ ପ୍ରତିଶତ ଲୋକେ ପେନସନ୍ ସୁବିଧା ପାଉଛନ୍ତି। ଉପରବର୍ଣ୍ଣିତ ତଥ୍ୟଗୁଡ଼ିକୁ ଯଦିଓ ଆଶଙ୍କା ସୃଷ୍ଟିକାରୀ, ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କ୍ୱଚିତ୍ କିଛି ରହିଛି। ବିରୋଧାଭାସୀ କଥା ହେଉଛି, ଏକଦା ବୟୋବୃଦ୍ଧମାନଙ୍କୁ ପର୍ଯ୍ୟାପ୍ତ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରୁଥିବା ଭାରତୀୟ ସମାଜରେ ସାମ୍ପ୍ରତିକ ସମୟରେ ସେମାନେ ଯଥେଷ୍ଟ ଅମର୍ଯ୍ୟାଦାର ଶିକାର ହେଉଛନ୍ତି। ଏହାର ପ୍ରମାଣ ହେଉଛି, ବୟୋବୃଦ୍ଧ ବ୍ୟକ୍ତିମାନଙ୍କୁ ବୃଦ୍ଧାବସ୍ଥାରେ ସେବାଯତ୍ନ ଯୋଗାଇବା ପାଇଁ ଜ୍ୱାଇଁ ଏବଂ ବୋହୂମାନଙ୍କ ଦାୟିତ୍ୱ ପ୍ରଦାନ କରିବା ଉଦ୍ଦେଶ୍ୟରେର ମେଂଟେନାନ୍ସ ଆଣ୍ଡ ଓ୍ୱେଲଫେୟାର ଅଫ୍ ପ୍ୟାରେଣ୍ଟସ୍ ଆଣ୍ଡ ସିନିୟର ସିଟିଜନସ୍ ଆଇନ,୨୦୦୭ରେ ସଂଶୋଧନ କରାଯିବ। ପୁନଶ୍ଚ, ଆଧୁନିକ ଔଷଧ ବିଜ୍ଞାନ କ୍ଷେତ୍ରରେ ବୟୋବୃଦ୍ଧମାନଙ୍କ ଆବଶ୍ୟକତା ନିମନ୍ତେ ଉଦ୍ଦିଷ୍ଟ ଭାବରେ ଔଷଧପତ୍ର ଆବିଷ୍କାର କରାଯିବାର କ୍ଷେତ୍ର ଏବେ ସୁଦ୍ଧା ଅବହେଳିତ ହୋଇ ରହିଛି। ବୟୋବୃଦ୍ଧମାନଙ୍କର ସେବା ଯତ୍ନ ଲାଗି ଯେ ପ୍ରଚୁର ପରିମାଣର ଆର୍ଥିକ ତଥା ମାନବ ସମ୍ବଳର ବ୍ୟବସ୍ଥା କରାଯିବାର ତୁରନ୍ତ ଆବଶ୍ୟକତା ରହିଛି, ତାହା ଲାସି ଅଧ୍ୟୟନ ପୁଷ୍ଟ କରିଛି। ବିଗତ ବର୍ଷମାନଙ୍କରେ ଏହି ବର୍ଗର ଲୋକମାନଙ୍କ ପାଇଁ ଯେଉଁ ପାରମ୍ପରିକ ସହାୟତା ପ୍ରଦାନକାରୀ ବ୍ୟବସ୍ଥା ରହିଥିଲା, ତାହା ବର୍ତ୍ତମାନ ସମୟରେ ପରିବାରଗୁଡ଼ିକରେ କମ୍ ସଂଖ୍ୟକ ପିଲା ଜନ୍ମ ନେବା, ମହିଳାମାନଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗରେ ବୃଦ୍ଧି ଘଟିବା ତଥା ଏକକ ପରିବାରର ସଂଖ୍ୟାରେ ବୃଦ୍ଧି ଘଟିବା ଫଳରେ ହ୍ରାସ ପାଇଛି। ପରିଶେଷରେ ସେମାନେ ଯେ ସମାଜ ପାଇଁ ଅର୍ଥନୀତି ଦୃଷ୍ଟିରୁ ଅତ୍ୟଧିକ ମୂଲ୍ୟବାନ, ସେ ସମ୍ପର୍କରେ ଶିକ୍ଷିତ ସମାଜରେ ସଚେତନତା ଜାଗ୍ରତ କରାଯିବା ଉଚିତ। ସେମାନଙ୍କ ଦୀର୍ଘ ଜୀବନର ଅନୁଭବ, ଅନୁଭୂତି ଏବଂ ସେବାର ମୂଲ୍ୟ ନିର୍ଦ୍ଧାରଣ କରାଯିବା ଉଚିତ୍ ନୁହେଁ କି ? କହିବା ବାହୁଲ୍ୟ, ସେମାନଙ୍କର ଅର୍ଥନୀତିକ ସଶକ୍ତିକରଣ ଦେଶର ବୟସ୍କ ନାଗରିକମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ନିଜର ଯତ୍ନ ନେବାରେ ସମର୍ଥ କରାଇବ। ଆମେ ସମସ୍ତେ ଯେହେତୁ ଦିନେ ନା ଦିନେ ବୃଦ୍ଧାବସ୍ଥାର ଶିକାର ହେବା, ତେଣୁ ଜୀବନର ରଙ୍ଗକୁ ଛଡ଼ାଇ ନନେବା ପାଇଁ ଯଥାଶୀଘ୍ର ବ୍ୟବସ୍ଥା କରାଯିବା ଉଚିତ୍।

କବିତା କୋଣାର୍କ

### ମୋ ବନ୍ଧୁ ...

ଦୁଷ୍ମନ୍ତ ବେହେରା

ଜଗବନ୍ଧୁ ତୁମରି ବାଇଶି
ପାହାଚେ ଅପେକ୍ଷା
କରିଛି ତୁମକୁ ବନ୍ଧୁ!!

ଏତେ ଦୂରୁ ଧାଇଁ ଆସିଲି
ପାହାଚରୁ ଦେଉଳ ପର୍ଯ୍ୟନ୍ତ
ପ୍ରେମଭରା ମନଟି
ଯାଇ ପାରୁନାହିଁ!

ପ୍ରେମଭରା ମନଟି ଯେ ବନ୍ଧୁ
ପ୍ରେମରେ ପାଗଳ କି ମାୟା
କରିଛୁ ରେ ଜଗବନ୍ଧୁ!

କେତେ ଭକ୍ତ ଆସନ୍ତି ଯାଆନ୍ତି
ମୁଁ ଦେଖୁଛି ତାଙ୍କରି ଭିତରେ
ତୁମରି ଛବି!

ଜଗତର ବନ୍ଧୁ ଜଗବନ୍ଧୁ ନୟନ ମୋ
ଯେଉଁ ଦିଗେ ପଡୁଛି ବନ୍ଧୁ ତୁମ
ଛବିଟିଏ ଉଙ୍କିମାରେ ମୋ ମନେ!

ମନ ମୋର ବ୍ୟାକୁଳ ହେଉଛି
ବାଇଶି ପାହାଚେ ବନ୍ଧୁ ମୋର
ଆସିବେ ଦେଉଳୁ ଧାଇଁ!

ଦିନରୁ ଯେ ରାତି ହୋଇଗଲାଣି
ରେ ବନ୍ଧୁ ରତ୍ନ ସିଂହାସନେ
ବସିଛୁ ରେ ମୋ କଥା ମନେ
ପଡୁନି ରେ ବନ୍ଧୁ!

ପାପିଟିଏ ବୋଲି ଜାଣି ବାଇଶି
ପାହାଚେ ଆଣିଥିଲୁ କାହିଁ
ଆସିଥିଲି ତୁମ ପାଖକୁ
କେତେ ଆଶାଟିଏ ନେଇ!

ଜୀବନ ସ୍ୱାଦଟି ବଞ୍ଚିଲା ବେଳକୁ
ଲୁହରେ ଭାଙ୍ଗୁଛି ମନ
ହଉ ବନ୍ଧୁ ନ ଆସିଲ ନାହିଁ ପଛେ
ଯାଉଛି ମୁଁ ଫେରି!

ପାପିଟିଏ ଭାବି ଫେରେଇ
ଦେଲ ବାଇଶି ପାହାଚେ
ମୋ ଦେହ ମନ!

ହଉ ବନ୍ଧୁ ମନ ଦୁଃଖ କରୁନି
ତୁମେ ମୋର ବନ୍ଧୁ
ଜଗ ବନ୍ଧୁ ମୋ ବନ୍ଧୁ।

+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

# ଓଡ଼ିଆ ପରମ୍ପରାରେ ବୃକ୍ଷପୂଜା : ବଉଳ ଅମାବାସ୍ୟା



ବିପିନ ବିହାରୀ ମହାନ୍ତି
ବିପିନ ବିହାରୀ
ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୧୩୮

ବର୍ଷକ ବାରମାସ। ମଳମାସକୁ ବାଦ୍‌ଦେଲେ ବାରମାସରେ ଭିନ୍ନନାମରେ ଭିନ୍ନ କାରଣକୁ ଧରି ବାରଗୋଟି ଅମାବାସ୍ୟା ପାଳନ କରାଯାଏ। ତେବେ ଏହି ବାରଗୋଟି ଅମାବାସ୍ୟା ମଧ୍ୟରୁ ସାଧାରଣତଃ ଜ୍ୟେଷ୍ଠମାସର ସାବିତ୍ରୀ ଅମାବାସ୍ୟା, ଶ୍ରାବଣମାସର ଚିତାଲାଗି ଅମାବାସ୍ୟା, ଭାଦ୍ରବମାସର ସପ୍ତପୁରୀ ଅମାବାସ୍ୟା, ଆଶ୍ୱିନ ମାସର ମହାଳୟା ଏବଂ ପୌଷମାସର ବଉଳ ଅମାବାସ୍ୟ ମୁଖ୍ୟତଃ ଆମର ଦୃଷ୍ଟି ଆକର୍ଷଣ କରନ୍ତି। ଏମାନେ କିନ୍ତୁ ସମଧର୍ମୀ ନୁହଁନ୍ତି। କିଏ ଧର୍ମକୁ ଆଧାର କରି କିଏ କୃଷି ବା କିଏ ସାମାଜିକ କୋଉ ଚଳଣିକୁ ନେଇ ପାଳିତ ହୋଇ ଆସୁଛନ୍ତି। ମାତ୍ର ପୌଷମାସର ବଉଳ ଅମାବାସ୍ୟା ସ୍ୱତନ୍ତ୍ର। ଏଥିରେ କେବଳ ପ୍ରକୃତିର ପୂଜା, ବିଶେଷ କରି ବୃକ୍ଷପୂଜା କରାଯାଏ।

ବର୍ଷକ ବାରମାସ। ମଳମାସକୁ ବାଦ୍‌ଦେଲେ ବାରମାସରେ ଭିନ୍ନନାମରେ ଭିନ୍ନ କାରଣକୁ ଧରି ବାରଗୋଟି ଅମାବାସ୍ୟା ପାଳନ କରାଯାଏ। ତେବେ ଏହି ବାରଗୋଟି ଅମାବାସ୍ୟା ମଧ୍ୟରୁ ସାଧାରଣତଃ ଜ୍ୟେଷ୍ଠମାସର ସାବିତ୍ରୀ ଅମାବାସ୍ୟା, ଶ୍ରାବଣମାସର ଚିତାଲାଗି ଅମାବାସ୍ୟା, ଭାଦ୍ରବମାସର ସପ୍ତପୁରୀ ଅମାବାସ୍ୟା, ଆଶ୍ୱିନ ମାସର ମହାଳୟା ଏବଂ ପୌଷମାସର ବଉଳ ଅମାବାସ୍ୟ ମୁଖ୍ୟତଃ ଆମର ଦୃଷ୍ଟି ଆକର୍ଷଣ କରନ୍ତି। ଏମାନେ କିନ୍ତୁ ସମଧର୍ମୀ ନୁହଁନ୍ତି। କିଏ ଧର୍ମକୁ ଆଧାର କରି କିଏ କୃଷି ବା କିଏ ସାମାଜିକ କୋଉ ଚଳଣିକୁ ନେଇ ପାଳିତ ହୋଇ ଆସୁଛନ୍ତି। ମାତ୍ର ପୌଷମାସର ବଉଳ ଅମାବାସ୍ୟା ସ୍ୱତନ୍ତ୍ର। ଏଥିରେ କେବଳ ପ୍ରକୃତିର ପୂଜା, ବିଶେଷ କରି ବୃକ୍ଷପୂଜା କରାଯାଏ। ଏହା ପ୍ରକୃତିର ପୂଜା ଉପରେ ଆଧାରିତ କାରଣରୁ ଏହାର ସ୍ୱତନ୍ତ୍ର ପୂଜକ କେହି ନଥାନ୍ତି। ଏହା ଏକ ସାମାଜିକ ପର୍ବ ମଧ୍ୟ। ଏଣୁ ଏହାର ପୂଜକ ପ୍ରତିଟି ଗୃହର ଗୃହକର୍ତ୍ତା, କର୍ତ୍ତୀ ଅଥବା କୌଣସି ବୟସ୍କ ବ୍ୟକ୍ତି। ବ୍ରାହ୍ମଣ ବା କୋଉ ପୁରୋହିତ ନୁହଁନ୍ତି।

ଏହି ଉତ୍ସବ ଓଡ଼ିଶାର ନିଜସ୍ୱ ପର୍ବ। ଏହା ଓଡ଼ିଶାର ଘରେ ଘରେ ପାରମ୍ପରିକ ରୀତି ଅନୁସାରେ ସାମାଜିକ ଉତ୍ସବ ଭାବେ ପାଳନ କରାଯାଏ। ପୌଷ ଅମାବାସ୍ୟ ହେଉଛି ଶୀତର ଅନ୍ତ ଏବଂ ବସନ୍ତ ଆଗମନର ସନ୍ଧିକ୍ଷଣ ମୁହୂର୍ତ୍ତ। ସାଧାରଣତଃ ଏହି ସମୟରେ ଆମ୍ବ ଗଛରେ ବଉଳ ଓ ପଣସ ଗଛରେ କର୍ଷିଫଳ ଧରେ। ଲୋକ ବିଶ୍ୱାସରେ ଏହି ସମୟରେ ବୃକ୍ଷର ପୂଜା କଲେ ବହୁତ ଫଳ ଧରେ। ଆମେ ଏକଥା ଜାଣେ ଯେ ଉଭୟ ଆମ୍ବ ଓ ପଣସ ହେଉଛନ୍ତି ଅର୍ଥକାରୀ ଫସଲ। ରସାଳ ଫଳ ଏବଂ ପାଚିଲାକୁ ସୁସ୍ୱାଦ। ଯେମିତି ଧାନ ପରି ଶସ୍ୟ ଫସଲ ପାଇଁ ଭଲ ଅମଳକୁ କୃଷିଭିତ୍ତିକ ଅନେକ ପର୍ବ ଅଛି, ସେମିତି ଆମ୍ବ, ପଣସ, ନଡ଼ିଆ ଏବଂ ଅନ୍ୟାନ୍ୟ ଫଳ ପାଇଁ ବୃକ୍ଷ ଦେବତାମାନଙ୍କର ପୂଜା କରାଯାଏ। ବଉଳ ଅମାବାସ୍ୟା ଦିନ ଆମେ ମୁଖ୍ୟତଃ ଆମ୍ବ ଗଛର ପୂଜାକରୁ ଯଦିଓ ଏ ପୂଜା ଆମ ବାଡ଼ବଗିଚାର ସମସ୍ତ ଫଳଗଛର ପୂଜାକୁ ବୁଝାଏ।

ପୂଜା ପାଇଁ ନୂଆ ଚାଉଳକୁ ଚୂନାକରି ସେଥିରେ ନଡ଼ିଆ, ଗୁଡ଼ ବା ଚିନି ସହ ପିଠା ମସଲା ଦେଇ ଗଇଁଠାପିଠା ପ୍ରସ୍ତୁତ କରାଯାଏ। ଏହା ବ୍ୟତୀତ କ୍ଷୀରୀ, ଖେଚଡ଼ି ବା ଅନ୍ୟାନ୍ୟ ପିଠାପଣା ଭୋଗ କରାଯାଇପାରେ। ତେବେ ପୂଜାର ଗଇଁଠା ପିଠାହିଁ ମୁଖ୍ୟ ଭୋଗ।

ଅମାବାସ୍ୟା ଦିନ ଅଥବା ତା' ପୂର୍ବଦିନଠୁ ପୂଜା ହେବାକୁ ଥିବା ଗଛମୂଳରୁ ଘାସ, ଅନାବନା ଗଛ ଓ ଲତା ଇତ୍ୟାଦି ସଫା କରି ଦିଆଯାଇଥାଏ। ପୂଜାଦିନ ସକାଳୁ ଗଛ ମୂଳର ଚଉଭେଦୀକୁ ଗୋବରରେ ଭଲକି ଲିପି ଦିଆଯାଏ। ଏହି ଲିପାସ୍ଥାନରେ ଝୋଟି ବା ଚିତା ପକାଯାଏ। ସଂଧ୍ୟା ବେଳେ ପୂଜା ହେବାକୁଥିବା ଗଛଗୁଡ଼ିକୁ ହଳଦି ପାଣିରେ ଗାଧୋଇ ଦେଇ ସିନ୍ଦୁର ଓ ଦୀପ ଦେଇ ଗଇଁଠା ପିଠାରେ ଅଥବା ଗଇଁଠା ସହ ଅନ୍ୟାନ୍ୟ ଭୋଗ ସାମଗ୍ରୀ ଦେଇ ପୂଜା କରାଯାଏ। କେତେକ ସ୍ଥାନରେ ଗଇଁଠା ସହ ବଉଳଗୁଡ଼ ମିଶାଇ ଭୋଗ କରା ଯିବାର ପ୍ରଥା ଅଛି। ସେଠାରେ ଏପରି ପିଠାକୁ ବଉଳଗୁଡ଼ ବୋଲି କୁହନ୍ତି।

ଗୃହ ବାହାରେ ବୃକ୍ଷପୂଜା। ଘର ଭିତରେ ମଧ ନୂଆ ବଉଳ ସହ ଗଇଁଠା ଓ କ୍ଷୀରୀପିଠା ଈଶାଣ ବା ଇଷ୍ଟ ଦେବତାଙ୍କୁ ପୂଜା କରାଯାଏ।



ଶ୍ରୀମନ୍ଦିରରେ ମଧ ଜୀଉମାନଙ୍କ ପାଖରେ ଗଇଁଠା ପିଠା ସହ ବଉଳ ଅର୍ପଣ କରାଯାଏ। ସେମିତି ଗାଁ ଭଗବତ ବା ମନ୍ଦିରମାନଙ୍କରେ ଏପ୍ରକାର ପୂଜାବିଧି କରାଯାଏ।

ସହରୀ ସଭ୍ୟତାର ପ୍ରାୟ ବୃକ୍ଷପୂଜା ଦେଖାଯାଏ ନାହିଁ। ତେବ ପରମ୍ପରା ଅନୁଯାୟୀ ସେସବୁ ସ୍ଥାନରେ ଈଶାଣ ବା ଇଷ୍ଟପୂଜା ହୁଏ। ନୋହିଲେ ବାଡ଼ିବଗିଚାରେ କେଉଁଠି ଟିକେ ଭୋଗ ରାଗ କରି ଦିଆଯାଏ।

ଆମ ସମାଜରେ, ମିତ, ସଇ, ସଂଗାତ, ଚାନ୍ଦ ଏବଂ ବଉଳ ଇତ୍ୟାଦି ସମ୍ବନ୍ଧୀତାକ ଓ ବନ୍ଧୁତ୍ୱର ଚଳଣି ଅଛି। ବଉଳ ଆମାବାସ୍ୟା ଦିନ ଏମିତି ଅନେକ ବଉଳଗୁଡ଼ ଖିଆଖୋଇ ବଉଳ ବସନ୍ତି। ବଉଳ ବସିବା ଏକ ମଧୁର ଭାବ। ଏହିଦିନ ଘରେ ଘରେ ବୁଲି ଭାବର ଆଦାନ ପ୍ରଦାନ ହେବା ସହ ଗଇଁଠା ଭୋଜନ ମଧ ହୁଏ। ସାମାଜିକ ଚଳଣିରେ ଏହା ଏକ ମଧୁର ଏବଂ ଉପଭୋଗ୍ୟ ପର୍ବ ହେଲେ ହେଁ, ଋତୁଚକ୍ରରେ ବସନ୍ତର ଆଗମନ ତଥା ଆମ୍ବ-ପଣସ ଇତ୍ୟାଦିର ଫଳରେ ସମ୍ଭାର ନିମନ୍ତେ ଏକ ସ୍ୱାଗତିକାର ପର୍ବ। ଏଠାରେ ସ୍ମରଣ କରାଇ ଦେବାକୁ ଚାହୁଁ ଯେ, ଓଡ଼ିଶାରେ ପାଳନ କରାଯାଉଥିବା କୌଣସି ଓଷା, ଉପାସ,ବ୍ରତ ବା ଧର୍ମଭିତ୍ତିକ ପର୍ବପର୍ବାଣୀ ଏହା ନୁହେଁ। ଏହା ସଂପୂର୍ଣ୍ଣ ଭାବରେ ପ୍ରକୃତିପୂଜାର ନିଦର୍ଶନ ସ୍ୱରୂପ ଏକ ସାମାଜିକ ପର୍ବ।

# ଓଡ଼ିଆ ଜାତିର ସାର୍ଥକ ସେନାପତି : ବ୍ୟାସକବି ଫକୀର ମୋହନ



କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ଓଡ଼ିଶାର ସାମାଜିକ ଇତିହାସରେ ମଧ ଫକୀର ମୋହନ ଜଣେ ବଳିଷ୍ଠ ଓ ଐତିହାସିକ ଚରିତ୍ର ହୋଇ ରହିଯାଇଛନ୍ତି। ଜଣେ ସୁଦକ୍ଷ ସେନାପତି ଯେପରି ନିଜର ଉପସ୍ଥିତ ବୁଦ୍ଧି, ସାହସ, ଶକ୍ତି ଦ୍ୱାରା ଯୁଦ୍ଧକ୍ଷେତ୍ରରେ ବିଜୟ କେତନ ଉଡ଼ାଇଥାଏ ଠିକ ସେହିପରି ବ୍ୟାସକବି ଫକୀର ମୋହନ ସେନାପତି କଠିନ ସଂଗ୍ରାମ କରି ଆମ ମାତୃଭାଷାକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ପ୍ରଖ୍ୟାତ ଔପନ୍ୟାସିକ, ଓଡ଼ିଆ କଥା ସାହିତ୍ୟର ଜନକ ତଥା ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ଫକୀର ମୋହନଙ୍କ ଆବିର୍ଭାବ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଉତ୍କଳ ଗୌରବ ମଧୁସୂଦନଙ୍କ ଭଳି ଫକୀର ମୋହନ ମଧ ଚାହିଁଥିଲେ ଓଡ଼ିଶାକୁ ଏକତ୍ର କରିବାକୁ। ଓଡ଼ିଆ ଭାଷାକୁ ପ୍ରଥମ କରି ବ୍ୟାପକ ସାହିତ୍ୟିକ ସ୍ୱରୂପ ପ୍ରଦାନ କରିବାରେ ଫକୀର ମୋହନଙ୍କ କୃତିତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ସେ ଏକାଧାରରେ ଜଣେ ଔପନ୍ୟାସିକ, କବି, ଗାଳ୍ପିକ, ପ୍ରାବନ୍ଧିକ, ଅନୁବାଦକ, ଆତ୍ମ ଜୀବନୀକାର, ଶିଶୁ ସାହିତ୍ୟିକ ଏବଂ ପରିଶେଷରେ ସେ ଜଣେ ଦୂରଦ୍ରଷ୍ଟା ସମ୍ପନ୍ନ ସମାଜ ସଚେତକ। ଜାତିପ୍ରାଣ ଯୋଗଜନ୍ମା ଫକୀର ମୋହନ ଓଡ଼ିଆ ଜାତିର ଦୁର୍ଦ୍ଦିନରେ ମାର୍ଗଦର୍ଶନ ଦେଇ ପାରିଥିଲେ।

ବ୍ୟାସକବି ଫକୀର ମୋହନଙ୍କ ଆବିର୍ଭାବ ସେହି ସମୟରେ ହୋଇଥିଲା, ଯେବେ ଅତୀତରେ ଉତ୍କଳ ଜନନୀ ନିଜର ଅସ୍ତିତ୍ୱ ହରାଇ ବିଦେଶୀ ଇଂରେଜ ଶାସକ ମାନଙ୍କ ଦ୍ୱାରା ହୋଇଥିଲେ ଖଣ୍ଡବିଖଣ୍ଡିତ। ସମଗ୍ର ଉତ୍କଳର ଚରମ ଦୁର୍ଦ୍ଦିନ ସମୟରେ ୧୮୪୩ ମସିହା ଜାନୁଆରୀ ମାସ ୧୩ ତାରିଖ ପବିତ୍ର ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ସ୍ଥିତ ମଲ୍ଲିକାଶପୁର ଠାରେ ଜନ୍ମଗ୍ରହଣ କରି କେବଳ ବାଲେଶ୍ୱର ମାଟିକୁ ନୁହଁ ବରଂ ସମଗ୍ର ଉତ୍କଳ ଜନନୀକୁ ଧନ୍ୟ କରିଥିଲେ। ସମଗ୍ର ଓଡ଼ିଶା ଫକୀର ମୋହନଙ୍କ ଜନ୍ମଜୟନ୍ତୀକୁ ୧୪ ଜାନୁଆରୀରେ ପାଳନ କରି ଆସୁଥିଲେ ମଧ ସଂକ୍ରାନ୍ତି ପୁରୁଷଙ୍କ ଜନ୍ମ ବର୍ଷ ମକର ସଂକ୍ରାନ୍ତି ୧୩ ତାରିଖରେ ପଡ଼ିଥିବାରୁ ତାଙ୍କର ପ୍ରକୃତ ଜନ୍ମ ତାରିଖ ୧୩ ଜାନୁଆରୀ ୧୮୪୩। ବାଲ୍ୟ ବ୍ରଜମୋହନରୁ ଓଡ଼ିଆଙ୍କ ସୁଦକ୍ଷ ସେନାପତି ଫକୀର ମୋହନ ହେବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଥିଲା ବେଶ ସଂଘର୍ଷମୟ। ଶୈଶବରୁ ପିତାମାତାଙ୍କୁ ହରାଇଥିବା ବ୍ରଜମୋହନ ରୋଗ ଓ ଦାରିଦ୍ର୍ୟ ସହ ଲଢ଼ି ଲଢ଼ି ବିଶେଷ ଶିକ୍ଷାଲାଭ କରିପାରି ନଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ବାରବାଟୀ ସ୍କୁଲରେ ଶିକ୍ଷକତା କରିବା ସହ ବାଲେଶ୍ୱର ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ପଦବୀ ଅଳଙ୍କୃତ କରିଥିଲେ। ୧୮୬୮ ମସିହାରେ ଫକୀର ମୋହନ ବାଲେଶ୍ୱରରେ ଏକ ପ୍ରେସ ପ୍ରତିଷ୍ଠା



ଅଂଶୁମାନ ମହାରଣା
ଯୋଗାଯୋଗ - ୮୦୯୩୨୯୮୭୨୪

କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ଓଡ଼ିଶାର ସାମାଜିକ ଇତିହାସରେ ମଧ ଫକୀର ମୋହନ ଜଣେ ବଳିଷ୍ଠ ଓ ଐତିହାସିକ ଚରିତ୍ର ହୋଇ ରହିଯାଇଛନ୍ତି। ଜଣେ ସୁଦକ୍ଷ ସେନାପତି ଯେପରି ନିଜର ଉପସ୍ଥିତ ବୁଦ୍ଧି, ସାହସ, ଶକ୍ତି ଦ୍ୱାରା ଯୁଦ୍ଧକ୍ଷେତ୍ରରେ ବିଜୟ କେତନ ଉଡ଼ାଇଥାଏ ଠିକ ସେହିପରି ବ୍ୟାସକବି ଫକୀର ମୋହନ ସେନାପତି କଠିନ ସଂଗ୍ରାମ କରି ଆମ ମାତୃଭାଷାକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ପ୍ରଖ୍ୟାତ ଔପନ୍ୟାସିକ, ଓଡ଼ିଆ କଥା ସାହିତ୍ୟର ଜନକ ତଥା ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ଫକୀର ମୋହନଙ୍କ ଆବିର୍ଭାବ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ।

କରିବା ସହ କରିଥିଲେ ଓଡ଼ିଆ ଭାଷା ଆନ୍ଦୋଳନ ରୂପୀ ଯୁଦ୍ଧର ଅୟମାରମ୍ଭ। ଏହି ପ୍ରେସର ପ୍ରତିଷ୍ଠା ହେବା ପରେ ବହୁ ପାଠ୍ୟପୁସ୍ତକ ପ୍ରକାଶ କରିବା ସହ ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିଲେ। ଗୌରୀଶଙ୍କର ରାୟଙ୍କ ଉତ୍କଳ ଦୀପିକା ସମ୍ବାଦପତ୍ର ଭଳି ତାଙ୍କରି ସମ୍ପାଦନାରେ ବାଲେଶ୍ୱରରୁ ପ୍ରକାଶିକ ହେଇଥିଲା ଦୈନିକ ଓଡ଼ିଆ ସମ୍ବାଦପତ୍ର ସମ୍ବାଦ ବାହିକା।

ଉନବିଂଶ ଶତାବ୍ଦୀର ମଧ ଭାଗରେ ସେତେବେଳେ ଓଡ଼ିଆ ଭାଷା ପ୍ରତି ବିଶାଳ ସଂକଟ ସୃଷ୍ଟି ହେଲା, ଯେଉଁ ସମୟରେ ମୁଷ୍ଟିମେୟ ବଙ୍ଗୀୟ ରାଜକର୍ମଚାରୀ ଓଡ଼ିଶାରୁ ଓଡ଼ିଆ ଭାଷା ବିଲୋପ ଘଟାଇ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଅପଚେଷ୍ଟା କରିଥିଲେ। ୧୮୬୬ ନଅଙ୍କ ଦୁର୍ଭିକ୍ଷର ସୁଯୋଗରେ ବଙ୍ଗୀୟ ମାନେ ଇଂରେଜଙ୍କ କଚିରି ଦଖଲ କରି ତୁରନ୍ତ ବଙ୍ଗଳା ଭାଷା ପ୍ରଚଳନ କରିବା ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଜାରି କରିଦେଲେ। ବଙ୍ଗାଳୀ ମାନେ ଓଡ଼ିଆ ଏବଂ ଓଡ଼ିଆ ଭାଷାଭାଷୀଙ୍କ ପ୍ରତି ଯେଭଳି ତୁଚ୍ଛ ତାଚ୍ଛଲ୍ୟ କଲେ ତାହା ଫକୀର ମୋହନଙ୍କୁ ଖୁବ ଆଘାତ ଦେଲା। ସେ ସବୁବେଳେ ଚିନ୍ତା କଲେ, କିପରି ଓଡ଼ିଆ ଭାଷାର ଅସ୍ତିତ୍ୱ ଓ ଗୁରୁତ୍ୱ ରକ୍ଷା କରିବାକୁ ହେବ। ଓଡ଼ିଆ ଏବଂ ଓଡ଼ିଆ ଭାଷା ସପକ୍ଷରେ ଲଢ଼ିବା ନିମନ୍ତେ ବଦ୍ଧ ପରିକର ହୋଇ ଉଠିଥିବା ଫକୀର ମୋହନ ବାଲେଶ୍ୱର ସହରର ଗଳିକନ୍ଦି ଠାରୁ ଆରମ୍ଭ କରି ଜନ ସମର୍ଥନ ନିମନ୍ତେ ଘରକୁ ଘର ବୁଲି ଦସ୍ତଖତ ସଂଗ୍ରହ କଲେ। ଦୃଢ଼ମନା ଫକୀରମୋହନ ଆଦୌ ବିବ୍ରତ ନ ହୋଇ ବଙ୍ଗୀୟ ମାନଙ୍କୁ ମନେ ପକେଇ ଦେବାକୁ ଚାହିଁଲେ ଯେ ବଙ୍ଗଭାଷା ପାଇଁ ବ୍ୟାକରଣ ପୁସ୍ତକ ପ୍ରବୋଧ ଚନ୍ଦ୍ରିକା ଓ ବଙ୍ଗଭାଷା ଇତିହାସ ପୁସ୍ତକ ରାଜାବଳୀ ଲେଖିଥିବା ବଙ୍ଗଳା ଭାଷାର ଜନକ ପଣ୍ଡିତ ମୃତ୍ୟୁୟ ବିଦ୍ୟାଳଙ୍କାର ଏବଂ ବିଶିଷ୍ଟ ବୈଷ୍ଣବ ସନ୍ଥ ଶ୍ରୀଚୈତନ୍ୟ ମୂଳତଃ ଜଣେ ଓଡ଼ିଆ । ଉମାଚରଣ ହାଲଦାର, ରାଜେନ୍ଦ୍ରଲାଲ ମିତ୍ର, କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପରି ବଙ୍ଗୀୟ କ୍ଷମତାଶାଳୀ ଯେବେ ଓଡ଼ିଆ ଭାଷାର ବିଲୋପ ପାଇଁ ଯୋରଦାର ପ୍ରୟାସ ଆରମ୍ଭ କଲେ ସେହି ସମୟରେ ସୌଭାଗ୍ୟକୁ ଫକୀରମୋହନଙ୍କ ସାଥି ଭାବରେ ବାଲେଶ୍ୱରକୁ ବଦଳି ହୋଇ ଆସିଲେ କଲେକ୍ଟର ଜନ ବୀମସ। ବହୁଭାଷାବିଦ ଜନ ବୀମସ ନିଜ ଲିଖିତ ପୁସ୍ତକରେ ରାଜେନ୍ଦ୍ର ଲାଲ ମିତ୍ର ଓ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ମତକୁ ଖଣ୍ଡନ କଲେ। କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଲିଖିତ ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ ପୁସ୍ତକକୁ ମଧ କଠୋର ସମାଲୋଚନା କରିଥିଲେ। ସରକାରୀ ନିର୍ଦ୍ଦେଶନାମା ପ୍ରତ୍ୟାହାର ତଥା ଓଡ଼ିଆ ଭାଷାର ପୁନର୍ପ୍ରଚଳନ ପାଇଁ ପ୍ରତିକାର ନିମନ୍ତେ ଜନ ବୀମସଙ୍କୁ ଫକୀର ମୋହନ ପ୍ରେରଣ କରିଥିବା ସଂଗୃହୀତ ଦସ୍ତଖତ ଦରଖାସ୍ତ ହିଁ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ବେଶ ଗୁରୁତ୍ୱ ବହନ କଲା। ଜନ ବୀମସ ନିଜ ମତାମତରେ ଲେଖିଲେ ତାଙ୍କ ଗବେଷଣାରୁ ସେ ଜାଣିଛନ୍ତି ଓଡ଼ିଆ ଏକ ଶ୍ରେଷ୍ଠ ଆର୍ଯ୍ୟଭାଷା। ଏ ଭାଷାକୁ ଉପେକ୍ଷା କରାଯାଇ ପାରିବ ନାହିଁ। ଜନ ବୀମସଙ୍କ ପତ୍ର ପାଇ ତତକାଳୀନ ଓଡ଼ିଶାର କମିଶନର ଟି ରେଭେନ୍ସା ନିଜେ ଦୃଢ଼ ସମର୍ଥନ ଜଣାଇ ଇଂରେଜ ସରକାରଙ୍କ ପୂର୍ବ ନିର୍ଦ୍ଦେଶନାମାକୁ ଖାରଜ କରାଇଦେଲେ। ବଙ୍ଗୀୟ ଅଧିକାରୀ ମାନଙ୍କ ସମସ୍ତ ଚକ୍ରାନ୍ତକୁ ପଣ୍ଡ କରିଦେଲେ ଏକାକୀ ସେନାପତି ଫକୀର ମୋହନ। ଅବଶ୍ୟ ଏଥିପାଇଁ ବଙ୍ଗୀୟ ବୁଦ୍ଧିଜୀବୀଗଣ ଫକୀର ମୋହନଙ୍କୁ ରିଙ୍ଗଲିଡ଼ର ଭାବରେ ସମ୍ବୋଧନ କଲେ। ଏଥିପ୍ରତି କର୍ଣ୍ଣପାତ ନକରି ନିରବ ନରହି ସେ ଓଡ଼ିଆ ବ୍ୟାକରଣ, ପାଠ୍ୟପୁସ୍ତକ, ଗଳ୍ପ, ମହାପୁରୁଷଙ୍କ ଜୀବନୀ ରଚନା କରି ସବୁ ସ୍ତରର ଅଭାବ ପୂରଣ କଲେ। ଏପରିକି ବାଲେଶ୍ୱରରେ ନିଜ ପ୍ରଚେଷ୍ଟାରେ ଫକୀର ମୋହନ ଏକ ଛାପାଖାନା ବସାଇ ପୁସ୍ତକ ଛାପି ଓଡ଼ିଆ ବିଦ୍ୟାର୍ଥୀ ଓ ଶିକ୍ଷକ ମାନଙ୍କର ଭରସାର କେନ୍ଦ୍ରବିନ୍ଦୁ ହୋଇଗଲେ। କୌଣସି ପ୍ରକାର ପ୍ରତିବନ୍ଧକ ତାଙ୍କୁ କର୍ତ୍ତବ୍ୟ ପଥରୁ ହଟାଇ ପାରି ନଥିଲା। ଓଡ଼ିଆ ଭାଷାର ଜନସାଧାରଣରେ ପ୍ରସାର ଘଟିଲେ କେବଳ ବିଦ୍ୟାଳୟ ମାଧ୍ୟମରେ ବିଶେଷ ଉପକାର ମିଳିବ ନାହିଁ ବୋଲି ଫକୀର ମୋହନଙ୍କ ଧାରଣା ହେଲା। ତାଙ୍କରି ଉଦ୍ୟମରେ କେତେକ ଉତ୍ସାହୀ ବ୍ୟକ୍ତିଙ୍କ ସହଯୋଗ ମିଳିବାରୁ ଉତ୍କଳ ଭାଷା ବିଧୟିନୀ ସମାଜ ପ୍ରତିଷ୍ଠା କରିଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

କବିତା କୋଣାର୍କ

### ସ୍ୱାର୍ଥପର

ସୁଦର୍ଶନ ମହାପାତ୍ର



କାହା ଉପକାର କରିବାକୁ କେବେ
ନଥାଏ ସିନା ବିଚାର
ନିଜ ସ୍ୱାର୍ଥେ କିନ୍ତୁ ନୂତନ ସମ୍ପର୍କ
ଗଢିତୋଳେ ସ୍ୱାର୍ଥପର ।

ସ୍ୱାର୍ଥ ଯେବେ ଆସି ଗ୍ରାସ କରେ ତାକୁ
ବିବେକ ତା' ହଜିଯାଏ
ବୁଦ୍ଧି ଭ୍ରମ ହୋଇ ହିତାହିତ ଜ୍ଞାନ
ଆପେ ଆପେ ଲୋପପାଏ ।

ସ୍ୱାର୍ଥ କବଳିତ ମଣିଷ ଆଖିକୁ
ଦିଶେ ନାହିଁ ଭଲ ମନ୍ଦ
ଲୋଭ ମୋହ ତାକୁ କରେ ବଶୀଭୂତ
ହଜିଯାଏ ତା'ର ନିଦ ।

ସ୍ୱାର୍ଥ ପାଇଁ ସିନା ମନୁଷ୍ୟ କରଇ
କେତେ କେତେ କୁ କରମ
କେବେ ଅତ୍ୟାଚାର କେବେ ପାପାଚାର
ଭୁଲେ ମାନବୀୟ ଧର୍ମ ।

ସ୍ୱାର୍ଥ ପାଇଁ ନିଏ ଅନ୍ୟର ଜୀବନ
ଅବା କାହା ସୁଖଶାନ୍ତି
ଭାଇ ହୋଇଯାଏ ଭଗାରି ସଦୃଶ
ଧନ୍ୟ ଏ ମଣିଷ ରୀତି ।

ସ୍ୱାର୍ଥ ସିଦ୍ଧି ପାଇଁ ହୁଏ ସେ ଆତୁର
ମାନବତା ଯାଏ ହଜି
ନିଜ ଇଚ୍ଛା ସବୁ ପୁରା କରେ କେବେ
ଛଦ୍ମବେଶୀଟିଏ ସାଜି ।

ସ୍ନେହ ପ୍ରେମ ଦୟା ମୂଲ୍ୟହୀନ ହୁଏ
ସ୍ୱାର୍ଥେ ଯେବେ ଅଭିଭୂତ
ମନୁଷ୍ୟ ଆଚରେ ଆସୁରୀୟ ଗୁଣ
ହଜଇ ବୁଦ୍ଧି ବିବେକ ।

ଜୀବନର ଏଇ ଚଲାପଥେ ଦିନେ
ପରାଭବ ଭୋଗେ ସ୍ୱାର୍ଥୀ
ଭାଳି ହେଉଥାଏ ନିଜ କଲା କର୍ମ
ସହେ ସବୁ ଅପକୀର୍ତ୍ତି ।

+କୁଞ୍ଜବିହାରୀ ଲେନ ,କଟକ

### ଶୀତ...

ସୁଧାକର ରାଉତ



ଶୀତଟା ଆସିଛି
ଅଗଣିତ ଭୟର କାକର ଟୋପାରେ
ବିବଶତାର କୁହୁଡ଼ି ମଧ୍ୟରେ
ମାଟି ମାଆର ସନ୍ତାନ ପ୍ରତି
କ୍ରନ୍ଦନ ଭିତରେ।

ଶୀତଟା ଆସିଛି
ସଦ୍ୟ ପ୍ରତିହରା
ବୈଧବ୍ୟ ଯନ୍ତ୍ରଣା ଭୋଗୁଥିବା
ନାରୀର ବେଶ ଭୂଷାରେ
ଆଉ ଅକାଳରେ ଝଡ଼ି ପଡିଥିବା
ମା'ର ଏକୋଇରା ବଳା ପାଇଁ
କରୁଣ ହୃଦୟ ବିଦାରକ
ଚିତ୍କାର ମଧ୍ୟରେ।

ଶୀତଟା ଆସିଛି
ଫୁଙ୍ଗୁଳା ଦେହରେ
ଖରା ପୋଉଁଥିବା
ସେଇ ନିଃସମ୍ବଳ
ମଣିଷମାନଙ୍କ ଠାରେ।

ଶୀତଟା ଆସିଛି
ଦୁର୍ବୋଧ ଜୀବନକୁ
ବଂଚିବାର ନୂଆ ଆଶା ନେଇ
ପ୍ରାତଃ ଭ୍ରମଣ କରୁଥିବା ସେଇ
ପଥଚାରୀଙ୍କ ମଧ୍ୟରେ।

ଶୀତଟା ଆସିଛି
ମାଆ ଛାତିରେ ଜାକିଜୁକି ହୋଇ
ଲାଖି ରହିଥିବା ସେଇ
ଶିଶୁର ପାଖରେ।

ଶୀତଟା ଆସିଛି
ତା ବାହୁ ଫାଶରେ
ବାନ୍ଧିବାକୁ ଦାରିଦ୍ର୍ୟରେ
କଷାଘାତରେ ପକ୍ଷାଘାତ
ସେଇ ଅସହାୟ
ମଣିଷ ମାନଙ୍କ ପାଖକୁ
କ୍ଷଣିକ ପାଇଁବି ହେଉ
ସୁଖର ନିଆଁ ପୋଇଁ ବାରେ
ଅଭ୍ୟସ୍ତ ଯେଉଁମାନେ।

ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୯୭୯୨

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ




**ଅକ୍ଷୟ କୁମାର ରାଉତ**
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮

ବିଚିତ୍ର ଏ ପୃଥିବୀ । କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି । ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ । ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ । ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ । ଏହି ସବଳ ବ୍ୟକ୍ତିମାନେ ଦୁର୍ବଳ ମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି । ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର । ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଏହି ପରି ଏକ ଘଡିସନ୍ଧି ମୁହୂର୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଈ । ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଫକୀର ମୋହନଙ୍କର ପିତୃମାତୃ ଦତ ନାମ ଥିଲା ବ୍ରଜ ମୋହନ । ଦୁଃସାଧ ରୋଗରେ ପୀଡିତହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ । ବ୍ରଜ ମୋହନ ହେଲେ ଫକୀର ମୋହନ । ବଡ ବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ । ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ । ପଢ଼ା ଛାଡି ଜାହାଜାଡି କାରବାରରେ ଯୋଗଦେଲେ । ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ । ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ । ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ାଛାଡି ଦେଲେ । ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ । ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଂଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ । ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪) । ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା । ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ । ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ - "ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍"

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ । ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ ।

"ଉତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତା
ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ । ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ । କିନ୍ତୁ ଏହି କାର୍ଯ୍ୟରେ ଲେଖା ପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରି ଆସିଲେ । ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ । ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶେଷ ସ୍ଥାନ ଅଧିକାର କରି ବୃତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ । ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତିକରିପାରୁ ନଥିଲେ । ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୃଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ । ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ । ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା । ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ । ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ । ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା । ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା । ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଂଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଂଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା । କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା । ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ । ଫକୀର ମୋନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' ।

ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ । ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ,ଏହି ମର୍ମରେ 'ଉଡିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ - "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ" । ଫକୀର ମୋହନଙ୍କ ପ୍ରଚେଷ୍ଟ ଫଳରେ ରେମୁଣାଠାରେ ଏକ ମଧ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା । ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ । ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନିଶ' ଟଙ୍କା ପୁରସ୍କାର ପାଇଥିଲେ । ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଟ୍, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ । ଫକୀରମୋହନ ବଙ୍ଗଳା ଦକ୍ଷିଣ ପର୍ଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ । ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍‌କା ଉପରେ ବସି ନିଜଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ । ଡିକ୍‌ସିନାରୀ ମାହାର୍ଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଢ଼େଙ୍କାନାଳର ଆସିଷ୍ଟାଣ୍ଡ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀକୁ ମାନସିକ ଯନ୍ତ୍ରୀଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି । ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ । ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା । ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ । ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ । ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ । ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ । ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ । (୧୯୦୨ ଖ୍ରୀ.ଅ.) ୧୮୯୪ ଖ୍ରୀ.ଅ ରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ । 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ । ୯୧୬ରେ ଫକୀର ମୋହନ ବାମଣ୍ଡାର 'ସରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ । ୧୯୧୭ ମସହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ ।

+ପାରଦ୍ୱୀପଗଡ଼ କୁଜଙ୍ଗ,
ଜଗତ୍‌ସିଂହପୁର
୯୯୩୭୬୮୧୪୭୫

# ରହସ୍ୟରେ ଭରା 'ଲେକ୍ ଅଫ୍ ନୋ ରିଟର୍ଣ୍ଣ'



ଭାରତ ଓ ମ୍ୟାଁମାର ସୀମାରେ ଥିବା ଝରଣା 'ଲେ ? ଅଫ ନୋ ରିଟର୍ଣ୍ଣ ଭିତରେ ରହିଛି ଅନେକ ରହସ୍ୟମୟ ଘଟଣାବଳୀ । ଏହି ଝରଣାଟି ମଧ୍ୟ ଏହି ରହସ୍ୟପୂର୍ଣ ଘଟଣା ଯୋଗୁ ଦୁନିଆରେ ବେଶ ଜଣାଶୁଣା । କୁହାଯାଏ ଯେ ଥରେ ଯିଏ ଏହି ଝରଣାର ପାଖ ମାଡ଼ିଛି ସେ ଆଉ ଫେରିପାରିନି । ଏହି ଝରଣାଟି ଅରୁଣାଚଳ ପ୍ରଦେଶରେ ଅବସ୍ଥିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ବିମାନ ପାଇଲଟ ଝରଣାକୁ ଏକ ସମତଳ ଜାଗା ଭାବି ଏମରଜେନ୍ସି ଲାଣ୍ଡିଂ କରେଇଥିଲେ କିନ୍ତୁ ପରେ ଭଡ଼ା ଜାହଜ ସହିତ ପାଇଲଟ ମଧ୍ୟ ରହସ୍ୟଜନକ ଭାବେ ଉଭାନ ହୋଇଯାଇଥିଲେ । ଏହାପରେ ଆମେରିକା ସୈନ୍ୟ ନିଖୋଜ ଜାହାଜ ଓ ପାଇଲଟଙ୍କ ଅନୁସନ୍ଧାନ ପାଇଁ ଝରଣା ପାଖରେ ପହଞ୍ଚିଥିଲେ । ଆମେରିକ ସୈନ୍ୟମାନଙ୍କୁ ଜାହାଜ ନେଇ କୌଣସି ସୂଚନା ମିଳି ନଥିବାବେଳେ ସୈନ୍ୟମାନେ ମଧ୍ୟ ଅଚାନକ ଉଭାନ ହୋଇଯାଇଥିଲେ । ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ଜାହାଜ ରାସ୍ତା ଭୁଲିଯାଇ ଜାହାଜକୁ ଝରଣା ତଟରେ ଲାଣ୍ଡ କରିଦେଲେ କିନ୍ତୁ ସେହି ଜାହାଜ ଓ ଜାହାଜ ସମେତ ସେଥିରେ ଥିବା ପାଇଲଟ ସମେସ୍ତ ସେହି ବାଲିରେ ଧସି ହୋଇ ଯାଇଥିବାର ଲୋକ କଥା ଏବେ ବି ସେଠାରେ ଜୀବନ୍ତ । ପ୍ରତିବର୍ଷ ଏଠାକୁ ବହୁସଂଖ୍ୟକ ଲୋକ ବୁଲିବା ପାଇଁ ଆସନ୍ତି କିନ୍ତୁ କେହି ଏ ଝରଣା ଭିତରକୁ ଯିବା ପାଇଁ ସାହସ କରନ୍ତି ନାହିଁ ।

# ରାଜସ୍ଥାନୀ ପକୋଡ଼ା କଢ଼ି

ପକୋଡ଼ା କଢ଼ି ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ । ପକୋଡ଼ା କଢ଼ି ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ତେବେ ରାଜସ୍ଥାନୀ ପକୋଡ଼ା କଢ଼ିର ସ୍ୱାଦ ଟିକେ ଭିନ୍ନ । କାରଣ ଏଥିରେ ସାଧାରଣତଃ ପିଆଜ, ରସୁଣର ବ୍ୟବହାର ହୋଇନଥାଏ । ବେସନ ଓ ଦହିରେ ପ୍ରସ୍ତୁତ ହେଉଥିଲେ ମଧ୍ୟ ଏହାର ସ୍ୱାଦ ଅଲଗା ହେବାର କାରଣ ହେଉଛି ଏଥିରେ ମିଶୁଥିବା ମସଲା ରାଜସ୍ଥାନୀ ପକୋଡ଼ା କଢ଼ିରେ କୁକୁକୁରିଆ ପକୋଡ଼ା ମିଶଯାଇଥିବାରୁ ଏହାର ସ୍ୱାଦଦ ମଧ୍ୟ ଭଲ ଲାଗେ । ଏହାକୁ ଭାତ, ରୁଟି, ପରଟା, ପୁରି ଆଦ ସହିତ ଖିଆଯାଇଥାଏ । ଯେହେତୁ ରାଜସ୍ଥାନରେ ପାଣି ଆଭାବ ଅଧିକ ତେଣୁ ଲୋକମାନେ ସାଧାରଣତଃ ଅଳ୍ପ ପାଣି ଦରକାର ହେଉଥିବା ବ୍ୟଞ୍ଜନ ପ୍ରସ୍ତୁତ କରିଥାଆନ୍ତି । ପାଣି ଜାଗାରେ ଦହିର ବ୍ୟବହାର ଟିକେ ଅଧିକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ରାଜସ୍ଥାନୀ ପକୋଡ଼ା କଢ଼ି କିଭଳି ପ୍ରସ୍ତୁତ ହୋଇଥାଏ ।



**ପ୍ରସ୍ତୁତି :**

ପ୍ରଥମେ ପକୋଡ଼ା ବା ପକୁଡ଼ି ତିଆରି କରିବା ପାଇଁ ବେସନ ୧ କପ୍, କଟା ଧନିଆ ପତ୍ର ୨ ଟେବଲ ଚାମଚ, ହଳଦୀ ଚଉଠେ ଚାମଚ, ଟିପେ ବେକିଂ ସୋଡ଼ା, ଜୀରା ୧ ଚା ଚାମଚ, ଦେଢ଼ ଚା-ଚାମଚ କଟା କଞ୍ଚାଲଙ୍କା, ଲୁଣ ସ୍ୱାଦ ଅନୁସାରେ, ଛାଣିବା ପାଇଁ ରିଫାଇନ ତେଲ । ରିଫାଇନ ତେଲକୁ ଛାଡ଼ି ସବୁ ଜିନିଷକୁ ଏକାଠି କରି ଅଳ୍ପ ପାରି ଦେଇ ଏକ ବହଳିଆ ଘୋଳି ପ୍ରସ୍ତୁତ କରନ୍ତୁ । ଏହାପରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ କୁକୁକୁରିଆ ପକୁଡ଼ି ଛାଣି ଅଲଗା ରଖନ୍ତୁ । ଏହାପରେ ପ୍ରସ୍ତୁତ କରନ୍ତୁ କଢ଼ି । କଢ଼ି ପ୍ରସ୍ତୁତ ପାଇଁ ଦହି ୨ କପ୍, ବେସନ୍ ୨ ଟେବଲ୍ ଚାମଚ, ହଳଦୀ ପାଉଡର ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ୧ ଟେବଲ ଚାମଚ ତେଲ, ଡାଲଚିନି ୧ ଟିକୁରା, ଲବଙ୍ଗ ୨ଟା, କାଶ୍ମିରୀ ଲଙ୍କା ୨ଟା, ପାନମହୁରୀ ଅଧ ଚାମଚ, ଗୋଟା ଧନିଆ ଅଧା ଚାମଚ, ଜୀରା ଅଧ ଚାମଚ, ମେଥି ଦାନା ଚଉଠେ ଚାମଚ, ଅଦା କଟା ଅଧ ଚାମଚ, ଭୁର୍ସୁଙ୍ଗ ପତ୍ର ଅଳ୍ପ, ଅଧ ଚାମଚ ଲଙ୍କା ଗୁଣ୍ଡ । କଢ଼ି ତିଆରି କରିବା ପାଇଁ ପ୍ରଥମେ ଦହି, ବେସନ, ହଳଦି, ଲୁଣ ଏବଂ ୨ କପ୍ ପାଣିକୁ ଏକାଠି ଏକ ପାତ୍ରରେ ଗୋଳାନ୍ତୁ । ଦରକାର ହେଲେ ସାମାନ୍ୟ ଅଧିକ ପାଣି ମିଶାଇ ପାରନ୍ତି । ଏହାପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରେ ଡାଲଚିନି, ଲବଙ୍ଗ, ଶୁଖିଲା ଲଙ୍କା, ପାନମହୁରି, ଗୋଟା ଧନିଆ, ଜୀରା, ମେଥି ଦାନା, କଟା ଅଦା, ଭୁର୍ସୁଙ୍ଗ ପତ୍ର ଏବଂ ଲଙ୍କାଗୁଣ୍ଡ ପକାଇ ମଧ୍ୟମ ଆଞ୍ଚରେ ଫୁଟଣ କରି ଆଞ୍ଚ ବନ୍ଦ କରି ସେଥିରେ ଦହି ଓ ବେସନର ମିଶ୍ରଣକୁ ମିଶାଇ ଭଲ କରି ଗୋଳାଇ ଦେବେ । ଏହାପରେ ପୁଣି ଥରେ ଗ୍ୟାସ ଅନ୍ କରି ଧିମା ଆଞ୍ଚରେ ଏହି ଘୋଳକୁ ଏକ ଚାମଚ ସାହାଯ୍ୟରେ ଘାଣ୍ଟିବେ । ଦେଖିବେ ଟିକେ ବହଳିଆ ହୋଇଆସିଲେ ବେସନର କଞ୍ଚାପଣ ଚାଲିଯିବ । ଏହାପରେ ଆଞ୍ଚ ବନ୍ଦ କରିଦେବେ । ପରିବେଷଣ କଲା ପୂର୍ବରୁ ଏହି କଢ଼ିରେ ଆଗରୁ ଛାଣି ରଖିଥିବା ପକୋଡ଼ା ମିଶାଇ ଦେବେ । ପ୍ରସ୍ତୁତ ହୋଇଗଲା ରାଜସ୍ଥାନୀ ପକୋଡ଼ା କଢ଼ି । ଏହି ଖାଦ୍ୟରେ ପୁଷ୍ଟିସାରର ପରମାଣ ଯଥେଷ୍ଟ ଅଧିକ । ସ୍ୱାସ୍ଥ୍ୟ ପାଇଁ ଏହି କଢ଼ି ଉପାଦେୟ । ଶୀତଦିନେ ଅନେକ ଲୋକ ଦହି ଖାଆନ୍ତି ନାହିଁ । କିନ୍ତୁ ଦହିରେ ବେସନ ମିଶାଇ ଏଭଳି ସ୍ୱାଦିଷ୍ଟ କଢ଼ି ପ୍ରସ୍ତୁତ କରାଯାଇପାରିବ ।

# ଗୁଣକାରୀ କଳରା





ସ୍ୱାଦରେ ପିତା ଲାଗୁଥିଲେ ମଧ୍ୟ କଳରା ପରିବାଟି ଶରୀର ପାଇଁ ଖୁବ୍ ହିତକାରୀ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଆୟୁର୍ବେଦ ବିଶେଷଜ୍ଞ ଅଞ୍ଜଳି ସିଂଙ୍କ ମତରେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମଧ୍ୟ ଏଇ ପରିବାର ଉପରୋଗିତା ରହିଛି । ବୟସ ବଢ଼ିଲେ ଆଣ୍ଠୁଗଣ୍ଠି ବିନ୍ଧା ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଥାଏ । ଶୀତଦିନେ ଏହି ରୋଗର ପ୍ରାଦୁର୍ଭାବ ଖୁବ ଅଧିକ । ଏଥିରୁ ରକ୍ଷା ପାଇବାକୁ ହେଲେ କଳରାକୁ ପୋଡ଼ି ତାହାକୁ ଭଲଭାବେ ଚକଟି ଏକ କପଡ଼ା ସାହାଯ୍ୟରେ କିଛି ସମୟ ପାଇଁ ଆଣ୍ଠୁରେ ବାନ୍ଧିଲେ ଖୁବ୍ ଆରାମ ମିଳିଥାଏ । ମୁଣ୍ଡ ଭୀଷଣ ବିନ୍ଧୁଥିଲେ କଳରା ପତ୍ରକୁ ବାଟି ମଥାରେ ଲଗାନ୍ତୁ । କିଛି ସମୟ ମାଲିସ୍ କଲେ ମୁଣ୍ଡ ବିନ୍ଧାରୁ ମୁକ୍ତି ମିଳେ । କଳରା ରସ ପିଇଲେ ତାହା ଶୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ହଜମ ଓ ପାଚନ କ୍ଷମତା ବଢ଼ାଇଥାଏ ।

## ଖୋଲିଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଗଞ୍ଜାମ,୧୨।୧ (ନି.ପ୍ର): ଆଜି ଠାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖୋଲିଛି । ଏହା ପୂର୍ବରୁ ବିଶ୍ୱବିଦ୍ୟାଳୟର ସମସ୍ତ କୋଠରୀ ଓ ଏହାର ପରିସରକୁ ବିଶୋଧନ କରାଯାଇଛି । ଗତକାଲି ଠାରୁ ପ୍ରାୟ ୫୦ ରୁ ଅଧିକ ଛାତ୍ର ଛାତ୍ରୀ ହଷ୍ଟେଲରେ ଆସି ରହିଛନ୍ତି । ଗତ ମାର୍ଚ୍ଚ ମାସ ଠାରୁ ଛାତ୍ରାବାସ ଖାଲି ପଡିଥିଲା । ବର୍ତ୍ତମାନ ସମୟରେ ହଷ୍ଟେଲ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ କୋଭିଡ୍ ନିୟମ ମାନି ଚଳିବାକୁ ପରାମର୍ଶ ଦିଆଯାଇଛି । ଏହାର ତଦାରଖ ଦାୟିତ୍ୱ ସୁପରିଟେଣ୍ଡେଂଟ ଓ ମାର୍ଟେନଙ୍କୁ ଦାୟିତ୍ୱ ଦିଆଯାଇଛି । କୌଣସି କାରଣରୁ କେହି ଅସୁସ୍ଥ ଅନୁଭବ କଲେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଅନ୍ତେବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ମାଁ ଧରଣୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ନୂଆପଡା,୧୨।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ରାଣିମୁଣ୍ଡା ଗ୍ରାମର ଖେଳ ପଡିଆ ଠାରେ ମାଁ ଧରଣୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଣିମୁଣ୍ଡା ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଭୀଷ୍ମରାଜ ମେହେର ଯୋଗଦାନ କରି ଫିତା କାଟି ମ୍ୟାଚର ଶୁଭାରମ୍ଭ କରିଥିଲେ । ପରେ ପ୍ରଥମ ମ୍ୟାଚ ବିରିଘାଟ ଦଳ ଏବଂ ରାଣିମୁଣ୍ଡା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ବିରିଘାଟ ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ୱିକେଟ ହରାଇ ୧୨୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ଜବାବରେ ରାଣିମୁଣ୍ଡା ଦଳ ସମସ୍ତ ୱିକେଟ ହରାଇ ୭୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ଆଜିର ମ୍ୟାଚରେ ସଭାପତି ତୁକାରାମ ହିଆଲ, ଗଣପତି କେତକୀ, ଲୋକନାଥ ଗହୀର, ନବ ହିଆଲ, ଖେତୁ ହାତୀ, ଇଶ୍ୱର ହାତୀ, ପ୍ରତାପ ନିଆଲ, ତପେଶ୍ୱର କଟାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଖେଳ ପରିଚାଳନାରେ ସାମିଲ ଥିଲେ ।

## ଟ୍ରକ୍ ପଛରେ ପିଟିଲା କାର୍ : ଦମ୍ପତି ଗୁରୁତର

ଜଗତସିଂହପୁର, ୧୧ ଜାନୁଆରୀ (ହି.ସ.)- କଟକ - ପାରାଦ୍ୱୀପ ରାସ୍ତାର କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମ ନିକଟରେ ଥିବା ଭାରତ ପେଟ୍ରୋଲ ପମ୍ପ ନିକଟରେ ଆଜି ସକାଳେ ଟ୍ରକ୍ ପଛରେ ଏକ କାର୍ ଧକ୍କା ଦେବା ଫଳରେ କାର୍‌ରେ ଯାତ୍ରା କରୁଥିବା ଦମ୍ପତି ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଉଦ୍ଧାର ପରେ ଚିକିତ୍ସା ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି ।

# ଭଦ୍ରକର ରାସ୍ତାପାର୍ଶ୍ୱ ଦୋକାନୀମାନଙ୍କୁ ଥଇଥାନ ପୂର୍ବରୁ ଉଚ୍ଛେଦ ବନ୍ଦ କରିବା ଦାବି

## ସିଟୁ ପକ୍ଷରୁ ପୌରପାଳିକା ଓ ଜିଲାପାଳଙ୍କ ଅଫିସ୍ ଘେରାଉ




ଭଦ୍ରକ,୧୨।୧ (ନି.ପ୍ର): ଭଦ୍ରକ ସହର ଉପକଣ୍ଠ ବନ୍ତଛକ ବସ୍‌ଷ୍ଟାଣ୍ଡ ନିକଟ ରାଜପଥର ଉଭୟପାର୍ଶ୍ୱରେ ବ୍ୟବସାୟ କରୁଥିବା ରାସ୍ତାପାର୍ଶ୍ୱ ଦୋକାନୀମାନଙ୍କୁ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ପୌରପାଳିକା କରୁଥିବା ଉଚ୍ଛେଦ ବନ୍ଦ କରିବା ଦାବିରେ ଆଜି ସିଆଇଟିୟୁ (ସିଟୁ) ପକ୍ଷରୁ ପୌରପାଳିକା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥି ଉପଲକ୍ଷେ ଆଜି ଭଦ୍ରକ ଜିଲା ସିଟୁ ଓ ଉଠାଦୋକାନୀ ସଂଘର ସଭାପତି ଦିବ୍ୟସିଂହ ନାୟକ ଓ ଉଠାଦୋକାନୀ ସଂଘର ସଂପାଦକ ରତିକାନ୍ତ ବଳଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଦିଲ୍ଲିପ ସାହୁ, ଆସୋ ଖାଁ, ସେକ୍ ବାପ୍ପୁ, ମିର୍ ବୁଦ୍ଧୁ, ସାଦବ କାଦ୍ରୀ, ସଂଜୟ ମହାପାତ୍ର, ମିନତୀ ସାମଲ, ନିଆଜ ଖାଁ, କାର୍ତ୍ତିକ ସାହୁ, ନୃସିଂହ ରେଡ୍ଡି, ଗୋପାଳ ଲାହା, କାର୍ତ୍ତିକ ବାରିକ, ଶଙ୍କର ସାହୁ, ପ୍ରଦୀପ ବେହେରା, ଲେବକ ମୁଣ୍ଡା, ମାମିନୀ ମୁଣ୍ଡା, ସେକ୍ ରାହାତ, ମିନାଜ ଖାଁ, ସେକ୍ କମର, ସେକ୍ ଅନୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହାରି ସହର ପରିକ୍ରମା ପୂର୍ବକ ପୌର କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସେଠାରେ ଶ୍ରୀ ନାୟକଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ଶ୍ରୀ ନାୟକ ନିଜ ବକ୍ତବ୍ୟରେ ଏହି ଉଠାଦୋକାନୀମାନଙ୍କୁ ରାଜ୍ୟ ସରକାର କରୋନା ସମୟରେ ୩ ହଜାର ଟଙ୍କା ସହାୟତା ଦେଇ ଜାତୀୟକରଣ ବ୍ୟାଙ୍କ ଜରିଆରେ ୧୦ ହଜାର ଟଙ୍କା ଋଣ ଦେଇଥିଲେ। ଭେଣ୍ଡିଂ ଲାଇସେନ୍ସ ମଧ ପୌରପାଳିକା ସେମାନଙ୍କୁ ପ୍ରଦାନ କରିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ କରୋନା ପାଇଁ ୨ ମାସ ସାବଧାନ ରହିବା ଏବଂ ସହରକୁ ସୁନ୍ଦର କରିବା ପାଇଁ ଫୁଲ ବଗିଚା, ପାର୍କ ନିର୍ମାଣ ସହ କାନ୍ଥବାଡରେ ରଂଗବେରଙ୍ଗର ଚିତ୍ର ଆଙ୍କିବା ଆଳରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ଘୋର ପରିତାପର ବିଷୟ ବୋଲି କହିଥିଲେ। ଏହି ସଭାରେ ଶ୍ରମିକ ନେତା ରାଧା ଦାସ, ଉଠାଦୋକାନୀ ସଂଘର ସଂପାଦକ ରତିକାନ୍ତ ବଳ, ବିନୋଦ ସାହୁ, ଗିରିଧାରୀ ନାଥ, ପ୍ରମୁଖ ନିଜ ବକ୍ତବ୍ୟରେ ସରକାର ଓ ପ୍ରଶାସନର ଏଭଳି ଉଚ୍ଛେଦ କରିବା ପୂର୍ବରୁ ଥଇଥାନ ପାଇଁ ଦାବି କରିଥିଲେ। ଏବଂ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ ସହ ସ୍ଥାନୀୟ ବିଧାୟକ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ ଦେଇଥିଲେ। ତେବେ ଜିଲାପାଳ ଉକ୍ତ ଘଟଣାରେ ପ୍ରତିନିଧି ଦଳଙ୍କ ସହ ଆଲୋଚନା କରି ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ଏହାର ଦାୟିତ୍ୱ ଦେଇ ତହସିଲଦାର, ରାଜସ୍ୱ ନିରୀକ୍ଷକ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଡକାଇ ଉଠାଦୋକାନୀ ସଂଘ କମିଟିଙ୍କ ସହ ଆଲୋଚନା କରି ଭେଣ୍ଡିଂ ଜୋନ୍ ମାଧମରେ ସେମାନଙ୍କୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବଂ ଥଇଥାନ ପର୍ଯ୍ୟନ୍ତ ଉଚ୍ଛେଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ୧୭ନଂ ଓ ୧୮ନଂ ୱାର୍ଡରେ ପାନୀୟ ଜଳ ଓ ଡ୍ରେନ୍ ସମସ୍ୟା ଅନୁଧାନ କଲେ ବିଧାୟକ

କେନ୍ଦ୍ରାପଡ଼ା,୧୨।୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ମୁଖ୍ୟ ସମସ୍ୟା ଗୁଡିକୁ ଅନୁଧାନ କରି ଏହାର ସ୍ଥାୟୀ ସମାଧାନ ପାଇଁ ବିଧାୟକ ଶଶି ଭୂଷଣ ବେହେରାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ବିଧାୟକ ଶ୍ରୀ ବେହେରା ସୋମବାର ପୂର୍ବାହ୍ନରେ ୧୭ନଂ ଓ ୧୮ନଂ ୱାର୍ଡ ଗସ୍ତକରି ଜଳ ନିଷ୍କାସନ ସମସ୍ୟା, ରାସନକାର୍ଡ, ଡ୍ରେନେଜ ସିଷ୍ଟମ, ରାସ୍ତାଘାଟ ଆଦି ପ୍ରତ୍ୟେକ୍ଷ ଅନୁଧ୍ୟାନ କରିଥିଲେ ବିଧାୟକ ଶ୍ରୀ ବେହେରା କେନ୍ଦ୍ରାପଡା ପୌରାଂଚଳର ସମସ୍ୟା ସମାଧାନ ଓ ବିକାଶ ଯୋଜନାକୁ ଆଗେଇ ନେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି । ବିଭିନ୍ନ ୱାର୍ଡକୁ ଗସ୍ତକରି ସମସ୍ୟା ଗୁଡିକୁ ପ୍ରତ୍ୟେକ୍ଷ ଆକଳନ କରିବା ସହ ଗ୍ରାମବାସୀଙ୍କ ସହ ମିଳିତ ବୈଠକରେ ବିଚାର ବିମର୍ଷ କରୁଥିବା ଜଣା ପଡିଛି । ମଧ୍ୟାହ୍ନରେ ବଡହାଟ ସ୍ଥିତ ରାଜସ୍ୱ ନିରିକ୍ଷକଙ୍କ ପଡିଆରେ ଆୟୋଜିତ ଏକ ମିଳିତ ବୈଠକରେ ଗ୍ରାମବାସୀଙ୍କ ସହ ମତାମତ ସଂଗ୍ରହ କରିଥିଲେ । ଏହି ଦୁଇଟି ୱାର୍ଡରେ ବିଶେଷ କରି ଡ୍ରେନ ଓ ରାସ୍ତାଘାଟ ଅତି ଶୋଚନୀୟ ହୋଇ ପଡିଥିବା ବେଳେ ପାନୀଜ ଜଳ ସମସ୍ୟା ଉକ୍ଟ ରୂପ ଧାରଣ କରିଛି । ଏନେଇ ଉପସ୍ଥିତ ଥିବା ୱାର୍ଡବାସୀ ମାନେ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ଏହି ସମସ୍ୟାର ସମାଧାନ ଦିଗରେ ବିଧାୟକ ଶ୍ରୀ ବେହେରା ଖୁବ୍ ଶିଘ୍ର ପଦକ୍ଷେପ ନେବେ ବୋଲି ୱାର୍ଡବାସୀଙ୍କୁ ସୂଚନା ଦେଇଥିଲେ । ଏହି ବୈଠକରେ ରଞ୍ଜିତ୍ ସାହୁ, ନଗର ସଭାପତି ଯଜାତି କେଶରୀ ମହାନ୍ତି, ପୂର୍ବତନ ଉପ ନଗରପାଳ ସବିତା ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଏମ୍‌ଇ ଦିଲିପ କୁମାର ସେଠୀଙ୍କ ସମେତ ମଙ୍ଗଳ ବରଣ ସିଂହ, ସ୍ୱାଧିନ ନାୟକ, ପପୁ ସିଂହ, ସରୋଜକାନ୍ତ ସାହୁ, ଅକ୍ଷୟ କୁମାର ମହାରଣା, ନାରାୟଣ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

## ଏଟିଏମରେ ଟଙ୍କା ନାହିଁ- ଗ୍ରାହକ ହିନସ୍ତା

ନୂଆପଡା,୧୨।୧ (ନି.ପ୍ର): ଖଡିଆଳ ସହରରେ ଥିବା ଏଟିଏମ ସେବା ଏକ ପ୍ରକାର ଠପ୍ ହୋଇଯାଇଥିବା ଦେଖିବାକୁ ମିଳିଛି । ଖଡିଆଳ ଅଂଚଳବାସୀ ଦୀର୍ଘବର୍ଷ ବର୍ଷରୁ ଭାରତୀୟ ଷ୍ଟେଟବ୍ୟାଙ୍କ ଉପରେ ନିର୍ଭର କରୁଥିବା ବେଳେ ଏହି ବ୍ୟାଙ୍କରେ ୮୦ ପ୍ରତିଶତ ଲୋକଙ୍କ ଜମା ଖାତା ରହିଛି । ଅନ୍ୟ ବ୍ୟାଙ୍କ ମାନଙ୍କ ମଧ୍ୟରେ ଆନ୍ଧ୍ରାବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କର ଏଟିଏମ ୩/ ୪ ବର୍ଷ ମଧ୍ୟରେ ଖୋଲା ଯାଇଛି । ଷ୍ଟେଟବ୍ୟାଙ୍କ ଗ୍ରାହକ ମାନଙ୍କୁ ସୂଚାରୁ ରୁପେ ଟଙ୍କା ଉଠାଣ ପାଇଁ ସହରର ବିଭିନ୍ନ ସ୍ଥାନରେ ୧୦ ଗୋଟି ଏଟିଏମର ବ୍ୟବସ୍ଥା ମଧ୍ୟ କରାଯାଇଛି । ହେଲେ ଏହି ଏଟିଏମ ମାନଙ୍କରେ ଅବ୍ୟବସ୍ଥା ଦେଖାଦେଉଛି । ଏଟିଏମ ମାନଙ୍କରେ ଟଙ୍କା ନାହିଁ । ଗ୍ରାହକ ଟଙ୍କା ଉଠାଣ ସକାଶେ ଅନେକ ହଇରାଣ ହରକତରେ ପଡୁଛନ୍ତି । ବିଶେଷକରି ମେଡିକାଲ କାର୍ଯ୍ୟରେ ଆସୁଥିବା ଲୋକେ ଟଙ୍କା ପାଇଁ ନାନା ଅସୁବିଧା ଭୋଗ କରୁଛନ୍ତି । ଏହି ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ବ୍ୟାଙ୍କ ଗ୍ରାହକ ମାନେ ମଧ୍ୟ ଆଉ ଧ୍ୟାନ ଦେଉନଥିବା ପ୍ରକାଶ କରିଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏଟିଏମରେ ଆବଶ୍ୟକ ପରିମାଣରେ ଟଙ୍କା ରଖିବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

## ଦନ୍ତା ହାତୀ ଶିକାର୍ ଘଟଣାରେ ଦୁଇ ଜଣ ବନ କର୍ମଚାରୀଙ୍କୁ ନିଲମ୍ବିତ

ବାରିପଦା,୧୨।୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ବନଖଣ୍ଡ ଅ'ର୍ଗତ କପ୍ତିପଦା ରେ ସାରିଶୁଆ ବିଟ ରାମକୁଣ୍ଡା ଜଙ୍ଗଲରେ ଗତ ଗୁରୁବାର ଗଳିତ ଦ'। ହାତୀର ମୃତଦେହ ଉଦ୍ଧାର ହୋଇଥିଲା। ତେବେ ଦ'। ହାତୀଟିକୁ ମାରି ଦା' କାଢ଼ିନେଇଥିଲେ ଦୁର୍ବୃର୍ତ୍ତମାନେ। ଏହି ଘଟଣାର ଚାରି ଦିନ ପରେ ବାରିପଦା ବନଖଣ୍ଡ ଅଧିକାରୀ ସ'ୋଷ ଯୋଶୀ କପ୍ତିପଦା ରେର ଫରେଷ୍ଟର ଚି'ାମଣି ମହାପାତ୍ର ଓ ଫରେଷ୍ଟ ଗାର୍ଡ ପ୍ରମିଳା ସେଣଙ୍କୁ ଚାକିରୀରୁ ନିଲମ୍ବିତ କରିଛଁ। ଦୁଇ ବନ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରିଥିବା ବେଳେ କପ୍ତିପଦା ରେର ମହେଶ୍ୱର ସିଂଙ୍କୁ କାରଣ ଦର୍ଶାଓ ନୋଟିସ ଜାରି କରିଛଁ। ତେବେ ଘଟଣା ଅନୁଯାୟୀ ବାରିପଦା ବନଖଣ୍ଡ କପ୍ତିପଦା ରେ ସାରିଶୁଆ ବିଟ ରାମକୁଣ୍ଡା ଜଙ୍ଗଲରେ ଗତ ଗୁରୁବାର ସ୍ଥାନୀୟ ବନବିଭାଗ କର୍ମଚାରୀ ଦ'ାହାତୀର ଗଳିତ ଶବ ଠାବ କରିଥିଲେ। ତେବେ ଦୁର୍ବୃର୍ତ୍ତ ମାନେ ଦ'। ହାତୀକୁ ଅତି ନିର୍ମମ ଭାବେ ହତ୍ୟା କରି ଦା' କାଢି ନେଇଥିଲେ। ଦ'ାହାତୀର ଅନୁମାନିକ ବୟସ ୨୦ ରୁ ୨୨ ବର୍ଷ ମଧରେ ହେବ ବୋଲି ଜଣାପଡିଥିଲା। ସେହିପରି ୨ଟି ୧୦କେଜି ଓଜନର ଦା' ଶିକାରୀ ମାନେ କାଟିନେଇଥିବା ଅନୁମାନ କରାଯାଉଛି। ସେ ଦିନ ଘଟଣା ସ୍ଥଳରେ ବାରିପଦା ଡିଏଫଓ ସ'ୋଷ ଯୋଶୀ, ଆରସିସିଏଫ୍‌ଏମ୍ ଜଗଦାନନ୍ଦ, ଏସିଏଫ ଦିଲ୍ଲିପ ବାରିକ ଏବଂ ସ୍ଥାନୀୟ ରେ ଓଫିସର ମହେଶ୍ୱର ସିଂଙ୍କ ଉପସ୍ଥିତିରେ ଶବକୁ ଏସ୍‌ଟିଆର୍ ଡାକ୍ତର ପିୟୁସ ସୋରେନ୍ ବ୍ୟବଚ୍ଛେଦ କରିଥିଲେ । ତେବେ ହାତୀର ଦେହରେ ଗୁଳିମାଡର ଚିହ୍ନ କିମ୍ବା କୌଣସି ଆଘାତ ଚିହ୍ନ ନଥିବା ଜଣା ପଡିଛି । ସେହିପରି ଗାଏବ ହାତୀ ଦା' ୨ଟିର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ଶିମିଳିପାଳ ଅଭୟାରଣ୍ୟ ଭଳି ସଂରକ୍ଷିତ ଜଙ୍ଗଲରେ ଦିନ କୁ ଦିନ ଅବାଧରେ ଶିକାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗୁଥିବା ବେଳେ ବନ ବିଭାଗ କିଁ ନିରବ ଦ୍ରଷ୍ଟା ସାଜିଛି। ଜଙ୍ଗଲ ତଥା ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ଦାୟିତ୍ୱ କର୍ମଚାରୀ ମାନେ ଶିକାର ହେବା ପରେ ଖବର ପାଉଛଁ। ଯାହାର ପରିଣାମ ସ୍ୱରୂପ ଜୀବନ ହାରୁଛଁ ଏହି ନିରିହ ଜଙ୍ଗଲର ପଶୁ ମାନେ।

## ମୋତିଆବିନ୍ଦୁ ମୁକ୍ତ ହେବ ସମ୍ବଲପୁର

ଭୁବନେଶ୍ୱର,୧୧ ଜାନୁଆରୀ - ସମ୍ବଲପୁରର ଦୂରଦୂରାନ୍ତ ଅଂଚଳର ଅଭାବୀ ରୋଗୀମାନଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଆସନ୍ତା ଏକ ବର୍ଷ ମଧ୍ୟରେ ୯ଟି ବ୍ଲକ୍ ରେ ୭୫୦୦ ଟି ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । 'ମୋତିଆବିନ୍ଦୁ ମୁକ୍ତ ସମ୍ବଲପୁର' ଅଭିଯାନ ଅଧୀନରେ ଏହି ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି ।

# ୱେବିନାରରେ ମତ୍ସ୍ୟଚାଷ ତାଲିମ-ସଚେତନତା



ବାଲେଶ୍ୱର,୧୨।୧ (ନି.ପ୍ର): ସ୍ଥାନୀୟ ସିପେଟ୍ ସମ୍ମିଳନୀ କକ୍ଷ ଠାରେ ମତ୍ସ୍ୟ ଚାଷ ଓ ଆକ୍ୱାକଲଚର୍ ସମ୍ପର୍କରେ ତାଲିମ ଓ ସଚେତନତା ସୃଷ୍ଟି ପାଇଁ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମତ୍ସ୍ୟ ସମ୍ପଦର ବିକାଶ ଓ ଅଭିବୃଦ୍ଧି ପାଇଁ ସଚେତନତା ସୃଷ୍ଟି ସହ ପ୍ରଶିକ୍ଷଣର ଆବଶ୍ୟକତା ରହିଥିବା କହିଥିଲେ । ଦେଶରେ ନୀଳକ୍ରାନ୍ତି ଯୋଜନା ଆରମ୍ଭ ହୋଇଥିବା ବେଳେ ୨୦୨୪ ମସିହା ସୁଦ୍ଧା ମତ୍ସ୍ୟ ଉତ୍ପାଦନକୁ ୨୨୦ଲକ୍ଷ ଟନ୍‌ରେ ପହଂଚାଇବା ଏବଂ ଚାଷୀର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହା ହାସଲ କରିବା ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ କରାଯିବା ସହିତ ଏଥିରେ ପ୍ରତ୍ୟକ୍ଷ ଭାବେ ଜଡିତ ଚାଷୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ପ୍ରଣାଳୀ ଓ ଜ୍ଞାନକୌଶଳ ସମ୍ପର୍କରେ ତାଲିମ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବିଶେଷ କରି ଜାଆଁଳ ଉତ୍ପାଦନ ଏବଂ ତାହାର ସୁରକ୍ଷା, ଶୀତଳ ଭଣ୍ଡାର ସ୍ଥାପନ ଓ ଉତ୍ପାଦିତ ସାମଗ୍ରୀର ବିତରଣ ପାଇଁ ଉପଯୁକ୍ତ ଯୋଜନା ପ୍ରଣୟନ ସହିତ ତାହାକୁ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ୱେବିନାରରେ ଭୁବନେଶ୍ୱରରୁ ମାନ୍ୟବର ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ଓଡିଶା ଏବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିପାରିଥିବା କହିଥିଲେ । ରାଜ୍ୟରେ ଏବେ ମତ୍ସ୍ୟ ଉତ୍ପାଦନ ୮(ଆଠ) ଲକ୍ଷ ମେଟ୍ରିକ ଟନ୍‌କୁ ଅତିକ୍ରମ କରିଥିବା ବେଳେ ଓଡିଶା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଭାବେ ସମ୍ମାନୀତ ହେବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ସେ ମତବ୍ୟକ୍ତ କରିଥିଲେ । ରାଜ୍ୟରେ ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମାଛ ଚାଷ କରିବା ପାଇଁ ଉତ୍ସାହିତ କରାଯାଉଥିବା ବେଳେ ଆଗାମୀ ସମୟରେ ରାଜ୍ୟର ମତ୍ସ୍ୟ ଉତ୍ପାଦନ ବେଶ ବୃଦ୍ଧି ହୋଇପାରିବ ବୋଲି ସେ ଆଶାପ୍ରକଟ କରିଥିଲେ । ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଆୟୁକ୍ତ ତଥା ସଚିବ ଡ. ଆର. ରଘୁ ପ୍ରସାଦ ମାଛ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ପ୍ରୋତ୍ସାହନ, ସବସିଡି ଓ ଅନ୍ୟାନ୍ୟ ସୁବିଧା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଜି. ରତିନରାଜ୍ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ୱେବିନାର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଦେବାନନ୍ଦ ଭଞ୍ଜ ଓଡିଶା ରାଜ୍ୟରେ ମାଛ ଚାଷର ସ୍ଥିତି ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭଦ୍ରକ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ମତ୍ସ୍ୟ ବିଜ୍ଞାନୀ ଶ୍ରୀ ଅମ୍ବିକା ପ୍ରସାଦ ନାୟକ ଆଧୁନିକ ଜ୍ଞାନ କୌଶଳରେ ମାଛ ଚାଷ ସମ୍ପର୍କରେ ବୁଝାଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ସମ୍ପର୍କିତ ପ୍ରଚାର ପୁସ୍ତିକାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସମେତ ଅନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାର ମାଛ ଚାଷୀ ଓ ମତ୍ସ୍ୟ ବିଭାଗ ଅଧିକାରୀମାନେ ୱେବିନାରରେ ଯୋଗ ଦେଇ ମତ୍ସ୍ୟ ଚାଷ ଏବଂ ଆକ୍ୱାକଲଚରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ସହ ନିର୍ଦ୍ଦେଶକ ଡ.ଗୁଣମୟ ପାତ୍ର, ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡର ବରିଷ୍ଠ ଅଧିକାରୀ ଡ. ମାନସ କୁମାର ସିହ୍ନା, ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ବ୍ୟକ୍ତିଗତ ସଚିବ ଡ. ରାଘବ ଦାଶ, ବାଲେଶ୍ୱର ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ଅଜୟ କୁମାର ଭୋଇଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଜୟ କିଶାନ ମଜଦୁର ସଂଗ୍ରାମ ପରିଷଦ ନୂଆପଡା ପକ୍ଷରୁ ଚାଷୀଙ୍କୁ ନ୍ୟାୟ ପାଇଁ ସାଇକେଲ ଯାତ୍ରା

ନୂଆପଡା,୧୨।୧ (ନି.ପ୍ର): ଜୟ କିଶାନ ମଜଦୁର ସଂଗ୍ରାମ ପରିଷଦ ନୂଆପଡା ପକ୍ଷରୁ ଚାଷୀଙ୍କୁ ନ୍ୟାୟ ପାଇଁ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶତାଧିକ ଚାଷୀ ଖଡିଆଳ ସହରରେ ଏକ ର୍ୟାଲିରେ ବାହାରି ପ୍ରଶାସନିକ ଅବହେଳାକୁ ନିନ୍ଦା କରିଥିଲେ । ବିଗତ ଦିନରେ ପରିଷଦ ତରଫରୁ ଆଲୋଚନା, ଦାବୀପତ୍ର, ଆନ୍ଦୋଳନ, ଘେରାଉ ଓ ରାସ୍ତାରୋକ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା । ଆଜି ଏନେଇ ଚାଷୀଙ୍କ ମୁଖ୍ୟ ୧୩ ଗୋଟି ଦାବୀର ସମାଧାନ ଦାବୀରେ କରି ଏହି ପଦଯାତ୍ରା କରୁଥିବା ନେଇ ଜୟ କିଶାନ ମଜଦୁର ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ଜିଲ୍ଲା ସାରା ଅନ୍ୟାୟ ଭାବରେ ପ୍ରତ୍ୟେକ ମଣ୍ଡିରେ ଚାଲିଥିବା କଟନୀ ଛଟନୀ ପ୍ରକ୍ରିୟାକୁ ବନ୍ଦ କରିବା, ଟୋକନ ବ୍ୟବସ୍ଥାର ସଂସ୍କାର ଆଣିବା, ଧାନବସ୍ତାର ଦାମ ପ୍ରଦାନ କରିବା, ଚଳିତ ବର୍ଷ ଚାଷୀ ପଞ୍ଜିକରଣ ବୃଦ୍ଧି ଘଟିଥିବା ବେଳେ ଚାଷୀ ନାମରେ ଧାନ ବିକ୍ରୟ କରିବାର ଷଡଯନ୍ତ୍ର ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା, ପ୍ରତ୍ୟେକ ମଣ୍ଡିରେ ସ୍ୱତନ୍ତ୍ର ଓ ନିରପେକ୍ଷ ପରିବହନ ବ୍ୟବସ୍ଥାକରାଯିବା, ଜିଲ୍ଲାରେ ଗୋଦାମ ବ୍ୟବସ୍ଥା ସହ ପୂର୍ଣ୍ଣାଙ୍ଗ କପାମଣ୍ଡି ଖୋଲାଯିବା, ମକାର ନ୍ୟୁନତମ ମୂଲ୍ୟ ୧୮୫୦ ଟଙ୍କା ପ୍ରଦାନ କରାଯିବା, ଜିଲ୍ଲାର ପ୍ରତ୍ୟେକ ମଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବା, ମଣ୍ଡିରେ ପିଇବା ପାଣି, ତମ୍ବୁ ଓ ବର୍ଷା ପାଇଁ ଯଥେଷ୍ଟ ତାରପୋଲିନ ବ୍ୟବସ୍ଥା କରାଯିବା, ୨୪ ଘ । ମଧ୍ୟରେ ମଣ୍ଡିରୁ ଧାନ ଉଠାଣ, ମଣ୍ଡି ହେଣ୍ଡଲିଂ ଅର୍ଥର ପୂର୍ଣ୍ଣ ବିବରଣୀ ସର୍ବସମ୍ମୁଖରେ ଉପସ୍ଥାପନ କରାଯିବା, ପକ୍କା ଭିତିଭୂମି, ଉପଯୁକ୍ତ ଯନ୍ତ୍ରପାତି ଓ ଗୋଦାମ ସହିତ ଧାନ ମଣ୍ଡି ସକାଶେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ଭଳି ପ୍ରମୁଖ ଦାବୀ କରାଯାଇଛି । ଆସନ୍ତାକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବୀପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ଏହି ର୍ୟାଲିରେ ଜିଲ୍ଲାର ଶତାଧିକ ଚାଷୀ ସାମିଲ ଅଛନ୍ତି ।

## ଯୋଗାଣ ମନ୍ତ୍ରୀଙ୍କ ଅଧକ୍ଷତାରେ ରେଙ୍ଗାଲି ଦକ୍ଷିଣ କେନାଲର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୨।୧ (ନି.ପ୍ର): ଜଙ୍ଗଲ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ଆଶୁ ସମାଧାନ କରି ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି ଲୋକସେବା ଭବନଠାରେ ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରିବା ଦିଗରେ ଜଙ୍ଗଲ ଜମି ଅଧିଗ୍ରହଣ ଯେପରି ବାଧକ ନହେବ, ସେଥି ନିମନ୍ତେ ସମୁଚିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ । ସମଲ ବ୍ୟାରେଜରୁ ବାହାରିଥିବା ଏହି କେନାଲ ଦ୍ୱାରା ରାଜ୍ୟର ଢେଙ୍କାନାଳ, କଟକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ୧୪ଟି ବ୍ଲକ୍ ?ର ପ୍ରାୟ ୮୪,୪୦୬ ହେକ୍ଟର ଚାଷ ଉପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଥିବାବେଳେ ପ୍ରକଳ୍ପକୁ ଶୀଘ୍ର ସଂପୂର୍ଣ୍ଣ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସରକାର ଜଳସେଚନକୁ ଅଗ୍ରାଧିକାର ପ୍ରଦାନ କରୁଥିବାବେଳେ ରେଙ୍ଗାଲି ଦକ୍ଷିଣ କେନାଲ ଦ୍ୱାରା ୪ଟି ଜିଲ୍ଲାର ଚାଷୀମାନେ ବହୁଳ ଭାବେରେ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟା ମଧ୍ୟରେ ବ୍ୟକ୍ତିଗତ ଜମି ଜଙ୍ଗଲ କିସମର ହୋଇଥିବାରୁ ହିତାଧିକାରୀମାନେ କ୍ଷତିପୂରଣ ପାଇପାରୁନାହାନ୍ତି । ଏହାର ଆଶୁ ସମାଧାନ ନିମନ୍ତେ ଆଇନ ଅନୁଯାୟୀ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମନ୍ତ୍ରୀ କହିଥିଲେ । ସେହିପରି ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ ୨୦୧୯ ମସିହାରେ ଷ୍ଟେଜ୍-୨ କ୍ଲିୟରାନ୍ସ ମିଳିଥିବା ସମସ୍ତ ଜଙ୍ଗଲ ଜମିକୁ ତୁରନ୍ତ ହସ୍ତାନ୍ତର କରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ପାଇଁ ଆବଶ୍ୟକ ପଡୁଥିବା ସମସ୍ତ କାଗଜପତ୍ର ଡିଏଫ୍‌ଓମାନଙ୍କ ନିକଟରେ ଦାଖଲ କରିବା ପାଇଁ ରେଙ୍ଗାଲି ଦକ୍ଷିଣ କେନାଲର ନିର୍ବାହୀ ଯନ୍ତ୍ରୀମାନଙ୍କୁ କହିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ କାଗଜ ଡିଏଫ୍‌ଓମାନଙ୍କ ନିକଟରେ ଦାଖଲ କରାଯିବ ବୋଲି କହିଥିଲେ । ଏଥି ସହିତ ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ ଦାଖଲ କରାଯାଇଥିବା ନୂତନ ପ୍ରସ୍ତାବଗୁଡ଼ିକ ଉପରେ ସବିଶେଷ ଆଲୋଚନା କରାଯାଇ ଏହି ମାସ ଶେଷ ସୁଦ୍ଧା ସମସ୍ତ ଆବଶ୍ୟକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ପି.ସି.ସି.ଏଫ୍ (ନୋଡାଲ୍) ଏବଂ ସର୍ବୋଚ୍ଚ ଯନ୍ତ୍ରୀ, ଜଳସଂପଦ କହିଥିଲେ । ବୈଠକରେ ପିସିସିଏଫ୍ ନୋଡାଲ୍ ଶ୍ରୀ ଜିତେନ୍ଦ୍ର କୁମାର, ସର୍ବୋଚ୍ଚ ଯନ୍ତ୍ରୀ, ଜଳସଂପଦ ଧୀରେନ୍ କୁମାର ସାମଲ, ଜଳସଂପଦ ବିଭାଗର ପୁନର୍ବାସ ଓ ପୁନଃଥଇଥାନ ନିର୍ଦ୍ଦେଶକ ଶ୍ରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଜାଇକା, ରେଙ୍ଗାଲି ବାମାପାଶ୍ୱର୍ କେନାଲର ମୁଖ୍ୟଯନ୍ତ୍ରୀ ତଥା ଜଙ୍ଗଲ ଜମି ଅଧିଗ୍ରହଣର ନୋଡାଲ ଅଧିକାରୀ ଶ୍ରୀ ଦୀପ୍ତିରଂଜନ ପଣ୍ଡା, ରେଙ୍ଗାଲି ଦକ୍ଷିଣ କେନାଲର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ରେଙ୍ଗାଲି ଦକ୍ଷିଣ କେନାଲର ବିଭିନ୍ନ ଡିଭିଜନର ନିର୍ବାହୀ ଯନ୍ତ୍ରୀ, କଟକ ଓ ଆଠଗଡ଼ ବନଖଣ୍ଡର ଡିଏଫ୍‌ଓ ଏବଂ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଯୋଗଦେଇଥିଲେ ।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ୨,୨୨,୨୨୨ଟଙ୍କା ଦାନ କଲେ ପ୍ରଭାକର ରାଉତ

ଭୁବନେଶ୍ୱର,୧୨।୧ (ନି.ପ୍ର): ୪୯୨ ବର୍ଷର ସଂଘର୍ଷ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଶ୍ରୀରାମ ଜନ୍ମଭୂମିରେ ଭଗବାନ ରାମଙ୍କ ଭବ୍ୟମନ୍ଦିର ନିର୍ମାଣ ହେବାକୁ ଯାଉଅଛି । ରାଷ୍ଟ୍ରୀୟ ମର୍ଯ୍ୟାଦାର ପ୍ରତୀକଏହି ମନ୍ଦିର ୨୦୨୪ ମସିହା ସୁଦ୍ଧା ସଂପୂର୍ଣ୍ଣ ହେବ । ଏଥି ପାଇଁ ନିଶ୍ଚିନ୍ତି ହୋଇଅଛି ମକର ସଂକ୍ରାନ୍ତି ଠାରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଦେଶକୁ ଜୋଡିବା ପାଇଁ ଏକ ବ୍ୟାପକ ନିଧି ସମର୍ପଣ ଏବଂ ସଂପର୍କ ଅଭିଯାନ ଚଳାଯିବ। ଏହି ଅବସରରେ ରାମଭକ୍ତମାନେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ କରିବା ଆରମ୍ଭ କରିଦେଇଛନ୍ତି । ଭୁବନେଶ୍ୱର ନିବାସୀ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ପ୍ରଭାକର ରାଉତ ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ହରପ୍ରିୟା ରାଉତ ନିଜର ବ୍ୟକ୍ତିଗତ ସଂଚୟ ରୁ ଦୁଇ ଲକ୍ଷ ବାଇଶ ହଜାର ଦୁଇ ଶହ ବାଇଶ ଟଙ୍କାର ନିଧି ରାମଜନ୍ମ ଭୂମିରେ ଭବ୍ୟ ମନ୍ଦିର ପାଇଁ ସମର୍ପଣ କରିଛନ୍ତି । ଜାନୁଆରୀ ୧୦ ତାରିଖ ଦିନ ସେ ଏହି ଚେକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ଶ୍ରୀ ବିପିନ ବିହାରୀ ନନ୍ଦଙ୍କୁ ପ୍ରଦାନ କରିଛନ୍ତି । ଏହା ପୂର୍ବରୁ କଟକ ସୁଶାନ୍ତ କୁମାର ଦାସ ୧,୫୧୧,୫୧ଟଙ୍କା,ରାଇରଙ୍ଗପୁର ସହରର ଇଚିଣ୍ଡାର ଶିକ୍ଷୟତ୍ରୀ ସୁଶ୍ରୀ ବୀଣାଦେବୀ ରାମ ତାଙ୍କ ଅର୍ଜିତ ଆୟରୁ ଏକ ଲକ୍ଷ ଏଗାର ହଜାର ଏକ ଶହ ଏଗାର ଟଙ୍କା,ଅନୁଗୁଳର ଶ୍ରୀବିଷ୍ଣୁଜୀଙ୍କ ପିତାମାତା ଏକ ଲକ୍ଷ ଏକୋଇଶି ହଜାର ଏକଶହ ଏକୋଇଶ ଟଙ୍କା,ମୟୁରଭଞ୍ଜ ଜିଲ୍ଲା ଦେବେନ୍ଦ୍ରପୁର ନିବାସୀ ସମାଜସେବୀ ଛୋଟେଲାଲ ମହନ୍ତଙ୍କ ଧର୍ମପତ୍ନୀ ଶ୍ରୀମତୀ କ୍ଷୀରୋମଣି ମହାନ୍ତ ଏକଲକ୍ଷ ଏକୋଇଶ ହଜାର ଏକଶହ ଏକୋଇଶି ଟଙ୍କା ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମ ମନ୍ଦିର ନିର୍ମାଣାର୍ଥେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ସମର୍ପଣ କରିଛନ୍ତି ।

## ଓଡ଼ିଆ ଜାତିର ସାର୍ଥକ....

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

୧୮୬୮ ମସିହାରେ ବହୁ ଶ୍ରମ ଓ ଅର୍ଥ ବ୍ୟୟ କରି ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ଓ ପି.ଏମ୍. ସେନାପତି ଏଣ୍ଡ କମ୍ପାନୀ ପ୍ରତିଷ୍ଠା କରିଥିଲେ। ସମ୍ବାଦ ବାହିକା ଭଳି ବୋଧ ଦାୟିନୀ ପତ୍ରିକା ମଧ ତାଙ୍କରି ସମ୍ପାଦନାରେ ପ୍ରକାଶିତ ହେଉଥିଲା।

ନିଜ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ୪ ଖଣ୍ଡ ଉପନ୍ୟାସ ଓ ୨୦ଟି ଗଳ୍ପ ରଚନା କରିଥିବା ଫକୀର ମୋହନଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କଲା ବେଳେ ଆମ ସମ୍ମୁଖରେ ତାଙ୍କ ସାହିତ୍ୟରେ ଅନ୍ତର୍ନିହିତ ସମାଜ ସଂସ୍କାର ଚିନ୍ତାଟି ବିଶେଷ ଭାବରେ ଉଦଭାସିତ ହୁଏ।ରାଜା ରାମମୋହନ ରାୟଙ୍କ ଭଳି ପ୍ରତ୍ୟକ୍ଷ ସଂସ୍କାର କ୍ଷେତ୍ରକୁ ଓହ୍ଲାଇ ନଥିଲେ ସତ କିନ୍ତୁ ସାରସ୍ୱତ ବାଣୀ ମାଧ୍ୟମରେ ସେ ନିଜର ସଂସ୍କାରବାଦୀ ଦୃଷ୍ଟିକୋଣକୁ ଜନସମାଜ ସମ୍ମୁଖରେ ଉପସ୍ଥାପନ କରିଥିଲେ। କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ। ଏକ ପରୋକ୍ଷ ସଂଗ୍ରାମୀର ଭୂମିକା ନେଇ ଲେଖନୀ ଚାଳନା କରିଥିଲେ ଫକୀର ମୋହନ, ତାଙ୍କର ଦୃଷ୍ଟିକୋଣ ଥିଲା ଉଦାର ଓ ସଂସ୍କାରମୁଖୀ। ଓଡ଼ିଶାର ସାମାଜିକ ରାଜନୈତିକ ସାଂସ୍କୃତିକ ଓ ସର୍ବୋପରି ସମସାମୟିକ ସମାଜ ଜୀବନର ବହୁ ବାସ୍ତବ ଚିତ୍ର ସହିତ ସମାଜ ସଂସ୍କାର, ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ପାଇଁ ଆହ୍ୱାନ, ନିଶା ବିରୋଧରେ ଆନ୍ଦୋଳନ, ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ସମ୍ପର୍କରେ ଦୀର୍ଘ ଦୁଇଶତ ବର୍ଷର ଓଡ଼ିଶାର ସାମାଜିକ ଜୀବନର ଚଳନ୍ତ ଇତିହାସ ହିଁ ଫକୀର ମୋହନଙ୍କର କଥା ସାହିତ୍ୟ। ଦୀର୍ଘ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଦଶକ ଠାରୁ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ପର୍ଯ୍ୟନ୍ତ ଓଡ଼ିଶାର ଜନଜୀବନର ବହୁଳ ଇତିହାସ ହିଁ ତାଙ୍କ ସାହିତ୍ୟ। ଶିକ୍ଷକତାରୁ ପ୍ରଶାସକ, ପ୍ରଶାସକ ଜୀବନର ବହୁ ଘଟଣା ଅଭିଜ୍ଞତା ବିଜଡ଼ିତ ଇତିହାସ ଓ ସମାଜ ଜୀବନର ଅନୁଭୂତିରୁ ହିଁ ସୃଷ୍ଟି ତାଙ୍କର ଆତ୍ମଜୀବନୀ ଇତିହାସ।

ଉତ୍କଳ ସରସ୍ୱତୀଙ୍କ ଏହି ବରପୁତ୍ର ମକର ସଂକ୍ରାନ୍ତି ଦିନ ଧରାବତରଣ କରିଥିଲେ ଏବଂ ଏ ଦୁନିଆରୁ ବିଦାୟ ନେଇଥିଲେ ପବିତ୍ର ରଜ ସଂକ୍ରାନ୍ତି ଦିନ, ତେଣୁ ସେ ପରିଚିତ ସଂକ୍ରାନ୍ତି ପୁରୁଷ ନାମରେ। ସେନାପତି ଫକୀର ମୋହନ ଥିଲେ ବରପାଠୀ, ତାଙ୍କ ପଛରେ ଲାଗି ନଥିଲା କୌଣସି ବିଶ୍ୱବିଦ୍ୟାଳୟର ପ୍ରଦତ୍ତ ଉପାଧି। କିନ୍ତୁ ଫକୀର ମୋହନଙ୍କ ନାମରେ ନାମିତ ହୋଇଛି ତାଙ୍କରି ଜନ୍ମଭୂମିରେ ଥିବା ଏକମାତ୍ର ବିଶ୍ୱବିଦ୍ୟାଳୟ। ତାଙ୍କରି ସାହିତ୍ୟ ଉପରେ ଗବେଷଣା କରି ଛାତ୍ରମାନେ ପି.ଏଚ.ଡ଼ି ଡ଼ିଗ୍ରୀ ହାସଲ କରୁଛନ୍ତି। ସେ ବିଶ୍ୱକବି ନୁହନ୍ତି ସତ, କିନ୍ତୁ ସତ୍ୟର କବି ବ୍ୟାସକବି। ଓଡ଼ିଆ ଲୋକେ ନିଜସ୍ୱ ସଂସ୍କୃତି, ପରମ୍ପରା ସଭ୍ୟତାକୁ ଜାଣନ୍ତୁ ସେଥିପାଇଁ ଫକୀର ମୋହନ ରାମାୟଣ, ମହାଭାରତ, ଗୀତା, ହରିବଂଶ ଉପନିଷଦ, ମେଘଦୂତ ଇତ୍ୟାଦିକୁ ଓଡ଼ିଆରେ ଅନୁବାଦ କରିବା ସହ ଜଣେ ସଫଳ ଅନୁବାଦକର ସ୍ଥାନ ନେଇ ପାରିଛନ୍ତି। ଏହି ସହ ନିଜ ରଚନା ମାଧ୍ୟମରେ ସମାଜରେ ସଂସ୍କାର ଆଣିବା ନିମନ୍ତେ ପ୍ରୟାସ କରିଛନ୍ତି। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଯଦି ଫକୀର ମୋହନଙ୍କ ରଚନା ଗୁଡ଼ିକ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ହୋଇଥାନ୍ତା ତେବେ ସେ ମୈଥିଳୀ ଶରଣ ଗୁପ୍ତଙ୍କ ଠାରୁ ଅଧିକ ଉଚ୍ଚକୋଟିର କବି ଭାବରେ ମାନ୍ୟତା ପାଇଥାନ୍ତେ। କଲମ ଚାଳନା କରୁଥିବା ବ୍ୟକ୍ତିତ୍ୱ ହିଁ ସବୁଠାରୁ ଶ୍ରେଷ୍ଠ ନେତୃତ୍ୱ ନେଇ ପାରନ୍ତି ଏକଥା ଫକୀର ମୋହନ ଓଡ଼ିଆ ଜାତିର ନେତୃତ୍ୱ ନେଇ ପ୍ରମାଣ କରିଯାଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟକୁ ନବଜନ୍ମ ଦେଇଥିବା ଅମର ବିନ୍ଧାଣୀ ଫକୀର ମୋହନ ହେଉଛନ୍ତି ବାସ୍ତବରେ ଯଥାର୍ଥରେ ଓଡ଼ିଆ ଜାତିର ସାର୍ଥକ ସେନାପତି।

# କାର ଅଟକାଇ ଯୁବକଙ୍କୁ ଆକ୍ରମଣ, ଜଣେ ଅଟକ

ଭଦ୍ରକ,୧୨।୦୧ (ନି.ପ୍ର): ଆଜି ଭଦ୍ରକ ଆରଡି ଛକ ଠାରେ ଜଣେ କାର୍ ଚାଳକଙ୍କୁ ୩ଜଣ ଦୁର୍ବୃତ୍ତ ଅଟକାୟୀ ତାଙ୍କୁ ଆକ୍ରମଣ କରିବା ସହିତ ଗାଡି କାଗଜପତ୍ର ଓ ଟଙ୍କା ପଇସା ଛଡାଇବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ଭ୍ୟାନ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ଖସିଯିବାକୁ ସକ୍ଷମ ହୋଇଥିବା ବେଳେ ଜଣେ ଯୁବକ ଧରାପଡି ଥାନାରେ ଅଟକ ରହିଛନ୍ତି। ଧାମନଗର ଥାନା ଅନ୍ତର୍ଗତ ଦକ୍ଷିଣବାଡ ଗ୍ରାମର ଧୀରେନ୍ଦ୍ର କର ନାମକ ଜଣେ ଯୁବକ ତାଙ୍କ ଓଡି୦୨ଏବି ୭୯୧୮ ଗାଡିରେ ଭଦ୍ରକ ଆସୁଥିବା ବେଳେ ଆରଡି ଛକ ପୋଲ ନିକଟରେ କାର୍‌ଟିକୁ ଅଟକାଇ କାରକୁ ଗୋଇଠା ବିଧା ମାରିବା ସହିତ କାର ଚାଳକଙ୍କ ମାଡ ମାରିଥିଲେ। ତାଙ୍କ ଠାରୁ କାଗଜପତ୍ର, ଟଙ୍କା ଆଦି ଛଡାଇବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ପୁଲିସ ଭ୍ୟାନ ଆସୁଥିବା ଦେଖି ସମସ୍ତ ଦୁର୍ବୃତ୍ତ ଖସି ପଳାଇଥିଲେ, ମାତ୍ର ଜଣେ ଯୁବକ ଧରା ପଡିଥିଲା। ଧରା ପଡିଥିବା ଯୁବକ ଜଣକ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଆନ୍ତର୍ଗତ ରଟିଣା ଗ୍ରାମର ଦେବବ୍ରତ ଜେନା। ପୁଲିସ ଦେବବ୍ରତଙ୍କୁ ଥାନାକୁ ନେଇ ଅଟକ ରଖିଥିବା ବେଳେ ସେ ବ୍ୟବହାର କରୁଥିବା ଓଡି ୩୩ଏ ୧୫୧୫ ବାଇକ୍‌ଟିକୁ ମଧ ରଖିଛି। ଏ ନେଇ ଧୀରେନ୍ଦ୍ର ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୂର୍ବ ଶତୃତାକୁ ନେଇ ଏପରି ଆକ୍ରମଣ ହୋଇଥିବା କୁହାଯାଉଛି।

## ମୁଣ୍ଡା ଛାତ୍ର ସଂଘ (ଓମ୍‌ସା)ପୁନର୍ଗଠିତ

ବାରିପଦା,୧୨।୦୧ (ନି.ପ୍ର): ନବମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଭାପତି ମଙ୍ଗଲ ସିଂଙ୍କ ଅଧ୍ୟକ୍ଷତାରେ ବିର୍ସା ମୁଣ୍ଡା କ୍ଲବ ତୁଳସୀଚୌରା ନିକଟରେ ଆଗାମି ଦିନରେ କିପରି ଭାବରେ ଛାତ୍ର ସଂଘ ମଜଭୁତ୍ ହୋଇ ଲୋକଙ୍କ ପାଖରେ ପହଞ୍ଚି ପାରିବ ଓ ମୁଣ୍ଡାରୀ ବାନିକୁ କିପରି ପ୍ରଚ୍ଚର ପ୍ରସାର କରାଯିବ ଏଥି ନିମନ୍ତେ ଏକ କମିଟି ଗଠନ ହେଲା। ପୁନଃ ଗଠନ ଓମ୍‌ସା ଆଜିଠୁ ଆରମ୍ଭ ହେଲା ବୋଲି ଘୋଷଣା କରାଯିବା ସହ ପ୍ରତି ବ୍ଲକ ସ୍ତରରେ ନୂତନ କର୍ମକର୍ତ୍ତା ଚୟନ ସହ ସଭ୍ୟ ସଂଗ୍ରହ ପାଇଁ ଆହ୍ୱାନ ଦେଇଥିଲେ। ଅତିଥିମାନେ ମୁଣ୍ଡାରୀ ସମାଜ ସାୱାର୍ ଜାମ୍ୱଡା ସଭାପତି- ନନ୍ଦଲାଲ ସିଂ ଓ ଉପଦେଷ୍ଟା ଇଂ.ସୁନାରମ ସିଂ ନୂତନ ଜିଲ୍ଲା ସଭାପତି ଭାବେ ମୟୂରଭଞ୍ଜର ଗୌତମ ସିଂ ଓ ଉପ-ସଭାପତି ଗୀତାଳୀ ସିଂ, ମହିଳା ସଭାପତି ସୁସ୍ମିତା ସିଂ ଓ ବାଲେଶ୍ୱର ଜିଲ୍ଲା ସଭାପତି ରଶ୍ମିରେଖା ସିଂଙ୍କୁ ମନୋନିତ କରାଗଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବଡ଼ ଫଟୋ, ଛୋଟ....

ମୟୁରଭଞ୍ଜ ଜିଲ୍ଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ ଏମିତି ପ୍ରଶ୍ନ ପଚାରି ଟାର୍ଗେଟ କରିଥିଲେ। ଅନ୍ୟପଟେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ବିଜେପି ଜିଲ୍ଲା ପରିଷଦ ଅଧକ୍ଷ ସୁଜାତା ମୁର୍ମୁ ଅସମ୍ମାନୀତ କରିଥିବା ଅଭିଯୋଗ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମମତା ମହାନ୍ତ। ପରେ ବିଜେଡି ସାଂସଦ ମମତା ମହାନ୍ତ ବୈଠକକୁ ବର୍ଜନ କରିଥିଲେ। ଖବର ପାଇ ବିଜେଡି କର୍ମୀ ଯୁବ ଓ ମହିଳା ମୋର୍ଚ୍ଚା ନେତା ପହଞ୍ଚି ହୋହାଲ୍ଲା କରିବା ସହ ସୁଜାତା ମୂର୍ମୁ କ୍ଷମା ପ୍ରାର୍ଥନା କରନ୍ତୁ ଓ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ସୁଜାତା ମୂର୍ମୁଙ୍କ ଗାଡ଼ି ଆଗରେ ବିଜେଡି କର୍ମୀମାନେ ବସି ରହିଥିଲେ। ସୁଜାତା ମୁର୍ମୁ ଓ ମୟୁରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସରେନ ଓ ବିଜେପିର ଅନ୍ୟ ବିଧାୟକଙ୍କ ଗାଡିକୁ ଅଟକାଇବା ସହ ଗାଡି ସମ୍ମୁଖରେ ବିଜେଡି କର୍ମୀ ମାନେ ଶୋଇ ରହିଥିଲେ। ବିଜେଡି କର୍ମୀ ମାନେ ଦୀର୍ଘ ସମୟ ଧରି ଗାଡି ଗୁଡିକ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଜିଲ୍ଲା ପରିଷଦ ଅଧକ୍ଷ ସୁଜାତା ମୁର୍ମୁ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ ବିଜୁ ପଟ୍ଟନାୟକଙ୍କୁ ସେ ଅସମ୍ମାନିତ କରି ନ ଥିବା କହିଛନ୍ତି । ଘଟଣାସ୍ଥଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ପହଞ୍ଚି ଉକ୍ତ ବିକ୍ଷୋଭରେ ଯୋଗ ଦେଇଥିଲେ। ପରେ ପୁଲିସ ପହଞ୍ଚି ପରିସ୍ଥିତି ଶାନ୍ତ କରିବାପାଇଁ ଚେଷ୍ଟା କରିଥିଲେ। ଏପଟେ ବିଜେପି ନେତା ବଡ଼ସାହି ବିଧାୟକ ଓ କର୍ମୀ ମଧ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ବିପକ୍ଷରେ ନାରାବାଜି କରିଛନ୍ତି ।

## ବିଜେପି ନେତା କୁଳମଣି...

ପରେ ଆୟୋଜିତ ଏହି ସମାବେଶରେ କହିଛନ୍ତି ଯେ ସ୍ୱାଧିନତାକୁ ୭୫ ବର୍ଷ ପୂରଣ ହେବାକୁ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାର ଗରିବ ଲୋକଙ୍କ ମୁଣ୍ଡରେ ପକ୍କା ଛାତ ଘର ନିର୍ମାଣ ପାଇଁ ଦେଢ଼ ଲକ୍ଷ ଟଙ୍କା ପଠାଉଛନ୍ତି। ମାତ୍ର ଏଠାରେ କ୍ଷମତାରେ ଥିବା ଲୋକଙ୍କ ଅବ୍ୟବସ୍ଥା କାରଣରୁ ଟଙ୍କାକୁ ଅପାତ୍ରଙ୍କୁ ଦିଆଯାଉଛି। ତେବେ ପ୍ରଧାନମନ୍ତ୍ରୀ ଆବାସ ଟଙ୍କା ଯୋଗ୍ୟ ପାତ୍ରଙ୍କୁ ମିଳୁ । ଓଡ଼ିଶାରେ ବିଜେପି ଦଳ ସମ୍ବିଧାନ ଓ ବ୍ୟବସ୍ଥାରେ ବିଶ୍ୱାସ କରି ଅନ୍ୟାୟ, ଅତ୍ୟାଚାର ଓ ନୀତି ବିରୁଦ୍ଧରେ ନିର୍ଣ୍ଣାୟକ ଲଢ଼େଇ ଲଢିବା ସହ ଗରିବ ଲୋକଙ୍କୁ ନ୍ୟାୟ ଦେବା ପର୍ଯ୍ୟନ୍ତ ସଂଗ୍ରାମ ଜାରୀ ରଖିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦିନେ ପୂର୍ବପୁରୁଷଙ୍କ କାମ ପାଇଁ ପ୍ରସିଦ୍ଧ ଥିବା ମାହାଙ୍ଗା ଅଂଚଳ ଏବେ ରାଜନୈତିକ ହିଂସା ପାଇଁ ପରିଚିତ। ୨୦୧୪ରେ ଦିପ୍ତୀକାନ୍ତ ସାହୁ ଏବଂ ୨୦୧୮ରେ ବିକାଶ ଜେନା ହତ୍ୟାକାଣ୍ଡ ଏ ହତ୍ୟାକାଣ୍ଡ ସହ ସଂଶ୍ଳିଷ୍ଟ। ତେବେ ଏହି ଘଟଣାରେ ଅଭିଯୁକ୍ତଙ୍କୁ କାହିଁକି ଖଲାସ କରାଗଲା ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଅସହିଷ୍ଣୁ ହୋଇ ଏହି ଦୁଇଟି ହତ୍ୟାକାଣ୍ଡ କରାଯାଇଛି। ତେବେ ପ୍ରଜାତନ୍ତ୍ରରେ ଅହଙ୍କାରର ସ୍ଥାନ ନାହିଁ। ଏହି ଘଟଣାରେ ଶାସକ ଦଳର ନେତା ପ୍ରଥମ ଦିନ ଗୋଟିଏ କଥା କହୁଥିବା ବେଳେ ଘଟଣାର ଅଭିଯୁକ୍ତ ଆଉ ଗୋଟିଏ କଥା କହୁଛି। ତେଣୁ ଏଥିରୁ ଏହି ଘଟଣାରେ ଷଡଯନ୍ତ୍ର ଥିବା ସ୍ପଷ୍ଟ ବାରି ହେଉଛି।

## କୋଭିଡ-୧୯ ଟିକାକରଣ...

କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଟିକାଦାନ କରାଯିବ । ଆସନ୍ତା ଜାନୁଆରୀ ୧୩ତାରିଖ ଦିନ ବାଲେଶ୍ୱରରେ ଟିକା ପହଂଚିବ ବୋଲି ସୂଚନା ମିଳିଛି। ଟିକାକରଣ ପାଇଁ ସମସ୍ତ ପୂର୍ବ ପ୍ରସ୍ତୁତି ସରିଥିବା ବେଳେ ଜିଲ୍ଲା ପର୍ଯ୍ୟବେକ୍ଷଣ ଟିମ ପ୍ରତ୍ୟେକ ଟିକାଦାନ କେନ୍ଦ୍ରକୁ ଯାଇ ସେଠାକାର ପ୍ରକୃତ ସ୍ଥିତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ଟିକାକରଣ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଡାକ୍ତର, ନର୍ସଙ୍କ ସମେତ ସମସ୍ତ ଆଗଧାଡିର କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ବିଶେଷକରି ଟିକାକରଣ ପ୍ରକ୍ରିୟା, ଟିକାଦାନ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟାର ନିରାକରଣ ଓ ପରିଚାଳନା ଇତ୍ୟାଦି ସମ୍ପର୍କରେ ସମସ୍ତଙ୍କୁ ତାଲିମ ଦିଆଯାଇଛି । ଏଥିପାଇଁ ଆକ୍ସନ ପ୍ଲାନ ଓ ରୁଟ୍ ଚାର୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ରାପିଡ ରେସପନ୍‌ସ ଟିମ୍ ଗଠନ କରାଯିବା ସହିତ ୨୪ଘଂଟିଆ କଂଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । ପ୍ରତ୍ୟେକ କେନ୍ଦ୍ରରେ ପର୍ଯ୍ୟବେକ୍ଷଣ ଅଧିକାରୀ ଓ ତାଲିମପ୍ରାପ୍ତ ଡାକ୍ତରଙ୍କ ତତ୍ୱାବଧାନରେ ଟିକାକରଣ କରାଯିବ । ଟିକାକରଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ, ଏ.ଡି.ପିଏଚ.ଓ.(ପରିବାର କଲ୍ୟାଣ) ଏବଂ ନୋଡାଲ ଅଧିକାରୀ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଏଡିଏମଓ(ମେଡିକାଲ) ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ଅର୍ଚ୍ଚନା ଗାଏନ ଉପସ୍ଥିତ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ଅଧିକ୍ଷକ ପ୍ରଫେସର(ଡା) ସୁଜାତା ମିଶ୍ର, ଏଡିଏମଓ(ମେଡିକାଲ) ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଏ.ଡି.ପିଏଚ.ଓ.(ଭିବିଡି) ଡା. ଶଶାଙ୍କ ଶେଖର ଚୌଧୁରୀ, ଡିପିଏଚଓ ଡା. ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଉପସ୍ଥିତ ଥିଲେ । ଡିପିଏମ ଅନୀଲ କୁମାର ମହାନ୍ତି ଓ ଡିଏମଆରସିଏଚ ଏଲିନା ସାମଲ ଟିକାକରଣ ଅଭିଯାନ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

## ଶନିବାରଠାରୁ ଓଡ଼ିଶାରେ....

ଯେଉଁଠି ଆଇସ୍ ଲାଇନ୍‌ଡ ରେଫ୍ରିଜେଟର ସମେତ ରହିଛି ସମସ୍ତ ପ୍ରକାର ବ୍ୟବସ୍ଥା। ଏଠାରୁ ବିଭିନ୍ନ ଜିଲ୍ଲାର ଭ୍ୟାକସିନ୍ ଷ୍ଟୋରକୁ ଯିବ ଟିକା। ଆଜିଠାରୁ ଜିଲ୍ଲାଗୁଡ଼ିକୁ ଟିକା ବିତରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ୮୦୦ ଭାଇଲସ୍ ବା ଛୋଟ ସିସି ଆସିଛି। ଗୋଟିଏ ସିସିରେ ୫ ମିଲିଗ୍ରାମ ଅର୍ଥାତ ୧୦ ଜଣଙ୍କୁ ସିଙ୍ଗିଲ୍ ଡୋଜ ଦିଆଯାଇପାରିବ। ଏହାକୁ ହିସାବ କଲେ ଏବେ ୪ଲକ୍ଷ ୮ ହଜାର ଡୋଜ ରହିଛି। ଏଥିରେ ୧ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ ଟିକାକରଣ କରାଯାଇପାରିବ। ତେବେ ପର୍ଯ୍ୟାୟକ୍ରମେ ୩ ଲକ୍ଷ ୨୮ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ଭ୍ୟାକ୍ସିନେସନ ବେଳେ ବୟସ୍କ ସ୍ୱାସ୍ଥ୍ୟକର୍ମୀ, ହାଇରିସ୍କ ଗ୍ରୁପ୍ ? ଓ କରୋନା ପ୍ରଭାବ ଅଧିକ ଥିବା ଅଞ୍ଚଳର ସ୍ୱାସ୍ଥ୍ୟକର୍ମୀଙ୍କୁ ଗୁରୁତ୍ୱ ଦିଆଯିବ। ଆଗକୁ କୋଭାକ୍ସିନ୍‌ର ୨୦ ହଜାର ଡୋଜ ଆସିବା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଛି କେନ୍ଦ୍ର।

## ଏସ୍‌ଆଇଟିକୁ ନିର୍ଦ୍ଦେଶ : ନୟାଗଡ଼....

ତାରିଖରେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର ହୋଇଥିଲେ। ସେଠାରେ ନାର୍କୋ ଟେଷ୍ଟ ଲାଗି ଏସ୍‌ଆଇଟି ପକ୍ଷରୁ ଆବେଦନ କରାଯାଇଥିବା ବେଳେ ନାବାଳକଜଣକ କିନ୍ତୁ ଏଥିନିମନ୍ତେ ନିଜ ଅସହମତି ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୧ ତାରିଖରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା କହିଥିଲେ ଯେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଅଛି। ତେଣୁ ସବୁ ପ୍ରମାଣ ପାଇବା ପରେ ହିଁ ଅଭିଯୁକ୍ତଙ୍କୁ ଗିରଫ କରିଛୁ। ଘଟଣାରେ ଗିରଫ ବ୍ୟକ୍ତି ହିଁ ହେଉଛନ୍ତି ନୟାଗଡ଼ ନାବାଳିକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଏବଂ ସେ ଜଣେ ସାବାଳକ ବୋଲି ବୋଥ୍ରା ଦର୍ଶାଇଥିଲେ।

## ଭୁବନେଶ୍ୱରରେ ପହଂଚିଲା....

ତାହା ୧୦ ଜଣଙ୍କୁ ଦିଆଯାଇ ପାରିବ । ହିସାବ ଅନୁସାରେ, ରାଜ୍ୟରେ ସମୁଦାୟ ୪ ଲକ୍ଷ ୮ ହଜାର ଡୋଜ୍ ଟିକା ପହଂଚିଛି। ଆଜି ଯେତିକି ଟିକା ଆସିଛି ତାହା ୧ ଲକ୍ଷ ୯୧ହଜାର ସ୍ୱାସ୍ଥ୍ୟ କର୍ମୀଙ୍କୁ ଦିଆଯାଇପାରିବ । ପ୍ରଥମ ପର୍ଯ୍ୟାୟ ଟୀକାକରଣ ଲାଗି ବୟସ୍କ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯିବ । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକାକରଣ ନେଇ ସବୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଟିକାକରଣ ପୂର୍ବରୁ ସାରା ଦେଶରେ ଏହାର ଡ୍ରାଏ ରନ୍ କରାଯାଇଥିଲା।

## ଓଡିଶାକୁ ଆଉ ଦୁଇଟି .....

ଶ୍ରେଷ୍ଠ ପୌରସଂସ୍ଥା, ଶ୍ରେଷ୍ଠ ସିଭିକ ଏଜେନ୍ସି, ଶ୍ରେଷ୍ଠ ରାଜ୍ୟ ନିର୍ବାଚନ କମିଶନ ଏବଂ ଶ୍ରେଷ୍ଠ ରାଜ୍ୟ ଅର୍ଥକମିଶନ । ଆଜି ଏହି ପୁରସ୍କାର ମିଳିଥିବା ଯୋଗୁଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ, ଆଇନ୍, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ବିଭାଗର ପଦାଧିକାରୀମାନଙ୍କୁ ସେମାନଙ୍କର କଠିନ ପରିଶ୍ରମ ପାଇଁ ସାଧୁବାଦ ଜଣାଇଛନ୍ତି ।

# ନୂତନ କୃଷି ଆଇନକୁ ବିରୋଧ କରି ରେମୁଣାରେ ବିକ୍ଷୋଭ ସମାବେଶ




ବାଲେଶ୍ୱର,୧୨।୦୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ଦିଲ୍ଲୀରେ ଦୀର୍ଘ ୪୮ ଦିନ ଧରି ଆନ୍ଦୋଳନ ଜାରି ରହିଥିବା ବେଳେଏହାକୁ ସମର୍ଥନ ଜଣାଇ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ରେମୁଣା ବ୍ଲକ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଆଜି ଅନୁଷ୍ଠିତ ହୋଇଯାଇଛି । ଏନେଇ ରେମୁଣା ବଜାର ହାତିଆଗଣ୍ଡ ଛକ ନିକଟରୁ ଶତାଧିକ ବିକ୍ଷୋଭକାରୀ ଟ୍ରାକ୍ଟର ଶୋଭାଯାତ୍ରାରେ ବାହାରି ରେମୁଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ । ସେଠାରେ କୃଷକ ସଂଘର୍ଷ ସମନ୍ୱୟ ସମିତର ସଭାପତି ପ୍ରେମ ରଞ୍ଜନ ପାତ୍ରଙ୍କ ପୌରହିତ୍ୱରେ ବିକ୍ଷୋଭ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । କ୍ଷେତ ମୂଲିଆ ନେତା ଶିଶିର ହୁଇ, କୃଷକ ସଭା ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଚାଷୀ ଏକତା ମଞ୍ଚ ନେତା ଅରୁଣ ଜେନା, ଚାଷୀ ମୂଲିଆ ନେତା ନିରଞ୍ଜନ ବେହେରା, ସତ୍ୟ ନାରାୟଣ ପାକଳ, ଷ୍ଟାଲିନ ମିଶ୍ର, ପ୍ରତାପ ସେଠୀ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନର ଦୃଢ ସମାଲୋଚନା କରିଥିଲେ । ଏହା କୃଷକଙ୍କ ସ୍ୱାଥ ବିରୋଧୀ ହୋଇଥିବା ବେଳେ ଏହାର ପ୍ରତ୍ୟାହାର ପାଇଁ ଦୀର୍ଘ ୪୮ ଦିନ ଧରି ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ୬୦ରୁ ଉର୍ଦ୍ଧ୍ୱ ଚାଷୀ ମୃତ୍ୟୁବରଣ କରିଥିବା ସତ୍ତ୍ୱେ କର୍ଣ୍ଣପାତ ନ କରିବା କେନ୍ଦ୍ରସରକାରଙ୍କ ଚାଷୀ ଦମନକାରୀ ନୀତିକୁ ପ୍ରମାଣିତ କରିଛି। ଚାଷୀ ଏକତାକୁ ଭାଙ୍ଗିବା ପାଇଁ ଏକାଧିକଥର ଆଲୋଚନା ହୋଇଥିଲେ ମଧ ସରକାର ଆଦାନୀ ଆମ୍ବାନୀ ଭଳି କମ୍ପାନୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଚାଷୀଙ୍କୁ ଅଣଦେଖା କରି ଚାଲିଛନ୍ତି ବୋଲି ବକ୍ତାମାନେ ଆରୋପ ଉଠାଇଥିଲେ । ତୁରନ୍ତ ଚାଷୀ ବିରୋଧୀ କଳା କୃଷି ଆଇନ ପ୍ରତ୍ୟାହାର ସହ ଚାଷୀମାନଙ୍କ ଋଣ ଛାଡ, ଧାନ କ୍ୱିଣ୍ଟାଲ ପିଛା ହଜାରେ ଟଙ୍କା ବୋନସ ପ୍ରଦାନ, ବିଦ୍ୟୁତ ଗ୍ରାହକଙ୍କୁ ସଠିକ ସେବା ପ୍ରଦାନ ପ୍ରଭୃତି ପାଇଁ ସେମାନେ ଦାବି କରିଥିଲେ । ଏହି ଅବସରରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ସମ୍ୱଳିତ ଏକ ସ୍ମାରକପତ୍ର ରେମୁଣା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ।

## ଯାଜପୁରରେ ଗତ ୨୪ ଘଂଟାରେ ୩୯୭ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୨।୦୧ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୩୯୭ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୨,୦୪୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୫ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ସୁନାମୀ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ,୧୨।୦୧ (ନି.ପ୍ର): ଆଗାମୀ ଦିନରେ ସୁନାମୀ, ମହାବାତ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପଦକୁ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ଗ୍ରାମ୍ୟ ସ୍ତରରେ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଜି ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଧନଜୀବନ ଯେପରି ସୁରକ୍ଷିତ ରହିପାରିବ ସେ ନେଇ ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇଥିଲା। ବାତ୍ୟା ଆସିବାର ପ୍ରାୟ ଏକ ସପ୍ତାହ ପୂର୍ବରୁ ଏହାର ସୂଚନା ମିଳି ପାରୁଥିବା ବେଳେ ସୁନାମୀ ଆସିବାର ମାତ୍ର କିଛି ସମୟ ପୂର୍ବରୁ ହିଁ ଜଣା ପଡିଥାଏ। ଏପରି ସ୍ଥଳରେ କିପରି ଯୁଦ୍ଧକାଳୀନ ଭିତ୍ତିରେ ଧନଜୀବନକୁ ରକ୍ଷା କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଲୋକମାନଙ୍କୁ ବିପର୍ଯ୍ୟୟ ପର୍ବୂରୁ ସୂଚନା ଦେଇ ସେମାନଙ୍କୁ ସଚେତନ କରିବା, ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା, ବିଶେଷ କରି ଦିବ୍ୟାଙ୍ଗ, ଗର୍ଭବତୀ ମହିଳା, ଛୋଟ ଶିଶୁ, ବୃଦ୍ଧବୃଦ୍ଧା ଏବଂ ପଶୁ ସମ୍ପଦଙ୍କୁ ଆଗତୁରା ଥଇଥାନ କରାଯିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଥିଲା। ଚାନ୍ଦବାଲି ବ୍ଲକର ୨୪ ଓ ବାସୁଦେବପୁର ବ୍ଲକର ୧୭ଟି ଗ୍ରାମ ମୁଖ୍ୟତ ସୁନାମୀ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ଏ ସବୁ ଅଞ୍ଚଳରେ ସ୍ଥାନୀୟ ବିଡିଓ, ତହସିଲଦାରମାନେ ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ଜନ ପ୍ରତିନିଧି ବିଶେଷ କରି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଏହି କାର୍ଯ୍ୟରେ ସାମିଲ କରାଇ ଜନସାଧାରଣଙ୍କ ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ତହସିଲଦାର ଦ୍ୱାରା ମୃତ ନାବାଳକ ପରିବାରକୁ ୪ଲକ୍ଷ ଟଙ୍କାର ଚେକ୍ ପ୍ରଦାନ



ଧାମନଗର,୧୨।୦୧ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ଦିନାଜିପୁର ଗାଁର ସ୍ୱର୍ଗତ ଶୁଭଙ୍କର ରାଉତ (୯) ଗତ ନଭେମ୍ବର ୨୦୨୦ରେ ରେବ ନଦୀର ଠାକୁରାଣୀ ଘାଟରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ନାବାଳକର ଅକାଳ ମୃତ୍ୟୁ ସେ ସମୟରେ ଶୋକାକୂଳ ପରିବେଶ ସୃଷ୍ଟି କରିଥିବା ବେଳେ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ ନେଇ ବିଭିନ୍ନ ଗଣମାଧ୍ୟମରେ ଦାବି ହୋଇଥିଲା। ଗତ ୧୧ତାରିଖ ସୋମବାର ଧାମନଗର ତହସିଲଦାର ରାଧାକାନ୍ତ ବାରିକ ମୃତ ଶୁଭଙ୍କର ପିତା ବୁଦ୍ଧଦେବ ରାଉତ ଓ ମାତା ଡ଼ଲି ରାଉତଙ୍କୁ ତହସିଲ କାର୍ଯ୍ୟାଳୟ ପରିସରରେ ୪ଲକ୍ଷ ଟଙ୍କାର ଚେକ ଆର୍ଥିକ ସରକାରୀ ସହାୟତା ପ୍ରଦାନ କରିଛନ୍ତି।

# ଯୁକ୍ତିସଙ୍ଗତ ଓ ବୈଜ୍ଞାନିକ ଚିନ୍ତାଧାରାର ସମାହାର ବିବେକାନନ୍ଦ



ଭୁବନେଶ୍ୱର,୧୨।୦୧ (ନି.ପ୍ର): ମହାନ୍‌ଯୋଗୀ ତଥା ସାଧକ ସ୍ୱାମୀ ବିବେକାନନ୍ଦ ବିଜ୍ଞାନ ସମ୍ମତ ଏବଂ ଯୁକ୍ତିସଙ୍ଗତ ଚିନ୍ତକଭାବରେ ବିଶ୍ୱବିଖ୍ୟାତ ବୋଲି ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ କହିଛନ୍ତି । ଜାତୀୟ ଯୁବ ଦିବସ ପାଳନ ଅବସରରେ ଆଜି ପତ୍ରସୂଚନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏକ ୱେବିନାର ସମ୍ମିଳନୀରେ ଯୋଗଦେଇ ଶ୍ରୀ ମାଲବ୍ୟ କହିଛନ୍ତି ଯେ, ସ୍ୱାମୀ ବିବେକାନନ୍ଦଙ୍କ ନାମ ଉଚ୍ଚାରଣ ମାତ୍ରକେ ଶରୀରର ଶକ୍ତି ଏବଂ ମନରେ ଆଲୋକ ଭରି ଉଠେ । ଏ ଦୁଇଟିର ମିଶ୍ରଣରେ ଏକ ସକାରାତ୍ମକ ଚିନ୍ତାଧାରା ବ୍ୟକ୍ତିକୁ ଶକ୍ତିଶାଳୀ କରିଥାଏ । ଜାତୀୟ ଯୁବଦିବସ ପାଳନ ଅବସରରେ ବିବେକାନନ୍ଦଙ୍କର ବାଣୀକୁ ଯୁବଗୋଷ୍ଠୀ ପାଳନ କରିବା ସହ ତାଙ୍କ ଭଳି ରାଷ୍ଟ୍ର ପ୍ରତି ସମର୍ପିତ ହେଲେ ଦେଶ ଆଗକୁ ଯାଇପାରିବ ବୋଲି କହିଛନ୍ତି । ଅର୍ଜୁନ ପୁରସ୍କାରପ୍ରାପ୍ତ କ୍ରୀଡାବିତ୍ ଦୂତୀ ଚାନ୍ଦ ଏହି ଆଲୋଚନାରେ ଅଂଶଗ୍ରହଣ କରି ଯୁବଗୋଷ୍ଠୀ ପାଠପଢ଼ା ସହିତ କ୍ରୀଡା ମାଧ୍ୟମରେ ରାଜ୍ୟ ଓ ଦେଶର ସୁନାମ ରଖିପାରିବେ ବୋଲି କହିଥିଲେ । ଦେଶର ଗୌରବ ଆଣିବା କ୍ଷେତ୍ରରେ ବିଭିନ୍ନ ପୁରୁଷ ଏବଂ ମହିଳା କ୍ରୀଡାବିତ୍ ମାନଙ୍କର ଉଦାହରଣ ଦେଇ ପିଲାଟି ଦିନରୁ ଶିଶୁକୁ ବାପାମା'ମାନେ ଗଢିବା ଉଚିତ ବୋଲି ମତ ଦେଇଥିଲେ। ଶିଶୁଟିଏ ଭିତରେ ସାହସ, ଶକ୍ତି ଓ ଉତ୍ସାହ ଭରିଦେଲେ ସେ ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଦେଶର ସୁନାମ ରକ୍ଷା କରିପାରିବ ବୋଲି କହିଥିଲେ । ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଆଲୋଚନା ପ୍ରସଙ୍ଗରେ କହିଥିଲେ ଯେ, ବିବେକାନନ୍ଦଙ୍କ ନାମ ସ୍ମରଣ ମାତ୍ରକେ ଯୁବଗୋଷ୍ଠୀଙ୍କୁ ଏକ ନୂଆ ଶକ୍ତି ମିଳେ । ପ୍ରତିବର୍ଷ ସେ ଏହି ଦିନଟିରେ ବାଲୁକାଶିଳ୍ପ ମାଧ୍ୟମରେ ବିବେକାନନ୍ଦଙ୍କ ବାର୍ତ୍ତାକୁ ପ୍ରଚାର କରନ୍ତି । ଚଳିତବର୍ଷ ପ୍ରଧାନମନ୍ତ୍ରୀଙ୍କର ଦେଶବାସୀଙ୍କ ପ୍ରତି ଦେଇଥିବା ଆହ୍ୱାନ 'ନୂଆ ଭାରତ' ସୃଷ୍ଟିକୁ ଆଖିଆଗରେ ରଖି ବାଲୁକାଶିଳ୍ପରେ ନୂତନ ଭାରତ ସୃଷ୍ଟି ପାଇଁ ଯୁବଶକ୍ତିର ବାର୍ତ୍ତା ଦେଇଛନ୍ତି ବୋଲି କହିଥିଲେ । ଚଳିତବର୍ଷ କରୋନା ସଂକ୍ରମଣଜନିତ ଲକ୍‌ଡାଉନ ସମୟରେ ବିଭିନ୍ନ ସାମାଜିକ ସେବା କରି ଯୁବଗୋଷ୍ଠୀ ଏକ ଆଦର୍ଶ ଦେଖାଇଛନ୍ତି ବୋଲି ସେ ମତ ଦେଇଥିଲେ । ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଆଲୋଚନା ପ୍ରସଙ୍ଗରେ ବିବେକାନନ୍ଦଙ୍କର ବିଭିନ୍ନ ଉକ୍ତିକୁ ଉଦ୍ଧାର କରି ଦେଶର ଯୁବଗୋଷ୍ଠୀ ଏଥିରେ ଉଦ୍‌ବୁଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ । ବର୍ତ୍ତମାନର ଯୁବଗୋଷ୍ଠୀ ନିଜ ଉପରେ ନିଜର ଦୃଢ଼ ବିଶ୍ୱାସ ରଖି ଆଗେଇ ଚାଲିଲେ ଦେଶ ବହୁ ଆଗକୁ ଯାଇପାରିବ ବୋଲି କହିଥିଲେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ଯୁବଗୋଷ୍ଠୀ ନିଜ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ । ସରକାରଙ୍କର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଯୁବଗୋଷ୍ଠୀ ନିଜକୁ ସାମିଲ କରିଲେ ଭାରତ ସମଗ୍ର ବିଶ୍ୱରେ ଏକ ଅଗ୍ରଗାମୀ ଦେଶ ହୋଇପାରିବ ବୋଲ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପତ୍ର ସୂଚନା କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସଂଯୋଜନା କରିଥିଲେ ।

# ଗଦାଧର ଗିରିଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ




ଜଳେଶ୍ୱର, ୧୨/୧ (ନିପ୍ର) : କ୍ଷେପଣାସ୍ତ୍ର ଘାଟିର ବିରୋଧି ଆନ୍ଦୋଳନର ମୁଖ୍ୟନାୟକ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ୩୪ ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ପ୍ରତିଷ୍ଠିତ ଜଳେଶ୍ୱର ମହାବିଦ୍ୟାଳୟରେ ସ୍ମୃତିକମିଟି ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି। ସ୍ମୃତିକମିଟିର ସଭାପତି ଡ. ରମାକାନ୍ତ ଭଂଜ ସଭାପତିତ୍ୱ କରି ଏକନିଷ୍ଠ ବ୍ୟକ୍ତିତ୍ୱ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସ୍ମୃତିକମିଟିର ସ୍ଥାୟୀ ସଂପାଦକ ତଥା ବିଧାୟକ ଅଶ୍ୱିନୀ କୁମାର ପାତ୍ର ସ୍ୱର୍ଗତ ଗିରିଙ୍କ ୩୪ବର୍ଷଧରି ଶ୍ରାଦ୍ଧବାର୍ଷିକୀ ଉକ୍ତ କଲେଜରେ ପାଳନା କରାାଯାଉଥିବା ସଂପର୍କରେ କହିଥିଲେ । ଅତିଥିଭାବେ ପୂର୍ବତନ କମିଟି ସଭାପତି ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଆଇନ୍‌ଜିବୀ ଚିନ୍ମୟାନନ୍ଦ ଦାସ, ମାନସ ଜେନା, ଯୁବନେତା ପ୍ରତୀପ କୁମାର ପ୍ରଧାନ ପ୍ରମୁଖ ତାଙ୍କ ଚିନ୍ତା-ଚେତନା, ନାରୀ ଶିକ୍ଷା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ହରେକୃଷ୍ଣ ଗିରି, ଅଜୟ ମହାନ୍ତି, ଦିଲ୍ଲୀପ କୁମାର ସାମଲ, ମଧୁସୂଦନ ସେନାପତି, ଲେଲିନ୍ ପ୍ରଧାନ ଓ ଅବନୀ ଚାନ୍ଦ ପ୍ରମୁଖ ଗଦାଧର ଗିରିଙ୍କ କର୍ମଦକ୍ଷତା ସଂପର୍କରେ ଅଭିଭାଷଣ ରଖିଥିଲେ । ଭୂପତି ମିର୍ଦ୍ଧା, ବିନ୍ଦୁବାଳା ନନ୍ଦୀ, ରବିରାୟ, ଅମୂଲ୍ୟ ଦତ୍ତ, କାମିନୀ ଦତ୍ତ, ଘନଶ୍ୟାମ ପାତ୍ର, ଚନ୍ଦନ କର, ବିଶ୍ୱନାଥ ଦାସ, ବିଦ୍ୟାଧର ମଲ୍ଲିକ, ବ୍ରିଜେଶ ରଣା, ସତ୍ୟଶୋଭନ ମିଶ୍ର, ରାସବିହାରୀ ରଣା, ତରଣୀ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଓ ମଂଚ ଆହ୍ୱାନ କରିଥିବା ବେଳେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ କଲେଜ ସଂପାଦକ ସୁରେନ୍ଦ୍ର ଚାନ୍ଦଙ୍କ ବିୟୋଗରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଚରମ୍ପା ମହାବିଦ୍ୟାଳୟର ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଯୁବ ଦିବସ ପାଳିତ

ଭଦ୍ରକ,୧୨।୧: ଆଜି ଚରମ୍ପା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂସ୍ଥା ଦ୍ୱାରା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ 'ଯୁବ ଦିବସ' ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ସଭାଗୃହରେ ଅଧ୍ୟକ୍ଷ ପ୍ରାଧ୍ୟାପକ ବ୍ରଜ କିଶୋର ବଳ ମହୋଦୟଙ୍କ ସଭାପତିତ୍ୱରେ ଏବଂ ତିନୋଟି ୟୁନିଟର ପ୍ରୋଗ୍ରାମ ଅଫିସର ଡ. ଉତ୍ପଳା ନାୟକ, ଡ. ରମେଶ ଚନ୍ଦ୍ର ଦାସ ଏବଂ ମନୋଜ କୁମାର ମହାଳିକଙ୍କ ପରିଚାଳନାରେ ଏହି ଉତ୍ସବ ପାଳନ କରାଯାଇଥିଲା। ଦୀର୍ଘ ୧୦ ମାସର ବ୍ୟବଧାନ ପରେ କରୋନା ମହାମାରୀର ପ୍ରକୋପ କମିବା କାରଣରୁ ଏହି ଉତ୍ସବରେ ଶତାଧିକ ସ୍ୱେଚ୍ଛାସେବୀ ଓ ସେବିକା ଯୋଗ ଦେଇଥିଲେ। ମହିଳା ବିଭାଗର ପ୍ରୋଗ୍ରାମ ଅଫିସର ତଥା ଇତିହାସ ବିଭାଗର ବିଭାଗୀୟ ମୁଖ୍ୟା ଡ. ଉତ୍ପଳା ନାୟକ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ତାଙ୍କର ନୀତି ଏବଂ ଯୁବପିଢ଼ିଙ୍କ ଦେଶ ମାତୃକା ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ତଥା ଓଡ଼ିଆ ବିଭାଗର ମୁଖ୍ୟ ଡ. ରମେଶ ଚନ୍ଦ୍ର ଦାସ ସ୍ୱାମୀ ବିବେକାନନ୍ଦଙ୍କ 'ନବ ଜାଗରଣ' ତଥା 'ସନାତନ ଧର୍ମ' ବିଷୟରେ ଦେଇଥିବା ଦିଗ୍‌ଦର୍ଶନ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ପ୍ରୋଗ୍ରାମ ଅଫିସର ତଥା ରାଜନୀତି ବିଭାଗର ଅଧ୍ୟାପକ ମନୋଜ କୁମାର ମହାଳିକ ସ୍ୱାମୀ ବିବେକାନନ୍ଦଙ୍କ ଆମେରିକା ଗସ୍ତ ସମୟରେ ଚିକାଗୋ ଧର୍ମ ସମ୍ମିଳନୀରେ ଅଭିଭାଷଣର ବ୍ୟାଖ୍ୟା କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ଶ୍ରୀଯୁକ୍ତ ବଳ ତାଙ୍କ ବକ୍ତବ୍ୟରେ ସ୍ୱାମୀଜୀ କିପରି ରାମକୃଷ୍ଣ ପରମହଂସଙ୍କ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇଥିଲେ ତଥା ଦକ୍ଷିଣେଶ୍ୱରୀ କାଳୀଙ୍କର ଶାନ୍ତ କମନୀୟ ମୂର୍ତ୍ତି ସ୍ୱାମୀ ବିବେକାନନ୍ଦଙ୍କ ଭୟ ଭ୍ରାନ୍ତିକୁ ଦୂରେଇ ଦେଇଥିଲା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜୋଲୋଜୀ ବିଭାଗ ମୁଖ୍ୟା ପ୍ରାଧ୍ୟାପିକା ବାସନ୍ତୀଲତା ନାୟକ ସ୍ୱାମୀଜୀଙ୍କର ସମାଜ ପ୍ରତି ଥିବା ଅବଦାନ ବିଷୟରେ ଜଣାଇଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ସୁବ୍ରତ କୁମାର ଦାସ ସ୍ୱାମୀ ବିବେକାନନ୍ଦଙ୍କ ମୁଖ ନିସୃତ ବାଣୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ତୃତୀୟବର୍ଷର ଛାତ୍ର ସଞ୍ଜୟ କୁମାର ବେହେରା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କୁମାରୀ ସୁଭଦ୍ରା ଓ କୁମାରୀ ସୋନାଲୀ ସହଯୋଗ କରିଥିଲେ।

## ତହସିଲଦାରଙ୍କ ଚଢ଼ାଉ, ବେଆଇନ୍ ବାଲିମାଫିଆଙ୍କ ସମେତ ଜେସିବି ଓ ୨ ଟ୍ରାକ୍ଟର ଜବତ : ଥାନାରେ ମାମଲା ରୁଜୁ, ଅଭିଯୁକ୍ତ କୋର୍ଟଚାଲାଣ



ଧାମନଗର,୧୨।୦୧ (ନି.ପ୍ର): ଧାମନଗର ତହସିଲ ଅଞ୍ଚଳରେ ବେଆଇନ୍ ବାଲି ଓ ମାଟି ଚୋରାଚାଲଣ ହେଉଥିବାବେଳେ ସୋମବାର ରାତିରେ ଗ୍ରେରାବାଲି ଓ ମାଟି ଉଠାଣ କରୁଥିବାବେଳେ ମାଫିଆଙ୍କ ଭୁସ୍ୱର୍ଗ ପାଲଟିଥିବା ଧାମନଗର ବ୍ଲକ ଅନ୍ତର୍ଗତ ବୈତରଣୀ ଓ ଗେଙ୍ଗୁଟି ନଦୀ କୂଳ ଅଞ୍ଚଳରେ ପୋଲିସ ପ୍ରଶାସନର ରାତିଅଧିଆ ଚଢ଼ାଉ। ଗତ ସୋମବାର ରାତି ୧ଟାବେଳେ କୌଣସି ବିଶେଷ ସୂତ୍ରରୁ ଖବରପାଇ ଧାମନଗର ତହସିଲଦାର ରାଧାକାନ୍ତ ବାରିକ ଧାମନଗର ଥାନା ପୋଲିସ ସହଯୋଗରେ ବୈତରଣୀ ନଦୀର କଣ୍ଟାପାରି ଘାଟ ଠାରେ ଗ୍ରେରାରେ ବାଲିଚାଲାଣ ହେଉଥିବାବେଳେ ମାଫିଆଙ୍କ ଉପରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ୨ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି କୁ ଜବତକରିଥିଲା ଧାମନଗର ପୋଲିସ। ଏହି ଚଢ଼ାଉରେ ପଡ଼ୋଶୀ ଜିଲ୍ଲା ଯାଜପୁର ଅନ୍ତର୍ଗତ ମଙ୍ଗଳପୁର ଥାନା ଦଶରଥପୁର ଅଞ୍ଚଳର ଜେସିବି ମାଲିକ ଗୋପାଳ ନନ୍ଦ ମହାନ୍ତିଙ୍କୁ ବେଆଇନ୍ ବାଲି କାରବାର ଓ ମାଟି ଖନନ ଅପରାଧରେ ଧାମନଗର ପୋଲିସ ଗିରଫ କରିଥିଲା। ଧାମନଗର ତହସିଲଦାରଙ୍କ ଲିଖିତ ଅଭିଯୋଗରେ ପୋଲିସ ଥାନା କେସ ନଂ ୧୬/୨୧ ଦଫା ୩୭୯, ୪୧୧, ୪୨୦ ଓ ୩୪ ଆଇପିସିରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗୋପାଳ ମହାନ୍ତିଙ୍କୁ କୋର୍ଟଚାଲାଣ କରିଥିବାବେଳେ ଅଧିକ ତଦନ୍ତ ଜାରି ରହିଛି ବୋଲି ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

## ବିବେକାନନ୍ଦଙ୍କ ୧୫୮ତମ ଜୟନ୍ତିରେ ଜାତୀୟ ଯୁବଦିବସ ପାଳିତ



ଧାମନଗର,୧୨।୦୧ (ନି.ପ୍ର): ଧାମନଗର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳପରିଷଦ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଜାତୀୟ ଯୁବ ଦିବସ ପାଳିତ ହେଉଥିବାବେଳେ ଧାମନଗର ଏନ୍‌ଏସି ଅନ୍ତର୍ଗତ ଦକ୍ଷିଣବାଡ଼ ସ୍ଥିତ ମହେନ୍ଦ୍ରନୋଡ଼ାଲ ଉପ୍ରା ବିଦ୍ୟାଳୟ ପରିସରରେ ପରମ ଜ୍ଞାନି, ଉପନିବେଶ ବିତ୍, ପ୍ରଗଲ୍‌ଭ ପ୍ରବକ୍ତା, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ, ଆଜନ୍ମ ବ୍ରହ୍ମଚାରୀ ସ୍ୱାମୀ ବିବେକାନନ୍ଦଙ୍କ ୧୫୮ତମ ଜନ୍ମଜୟନ୍ତି ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମେନ୍ଦ୍ରନାଥ ମହାନ୍ତିଙ୍କ ସଭାପତିତ୍ୱରେ କୋଭିଡ଼ କଟକଣା ପାଳନ ପୂର୍ବକ ଆନ୍ତର୍ଜାତୀୟ ଯୁବ ଦିବସ ପାଳନ ଅବସରରେ ଧାମନଗର ମଣ୍ଡଳ ଶିକ୍ଷାଧିକାରୀ ପିତାମ୍ବର ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ସିଆସିସି ପ୍ରଶାନ୍ତ କୁମାର ବେହେରା, ରୂପକ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନି ଓ ଭାରତୀୟ ସଂସ୍କୃତି ଓ ଉପନିବେଶ ଉପରେ ଥିବା ତାଙ୍କର ପ୍ରଗାଢ ପାଣ୍ଡିତ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁମତି ନାୟକ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଆନନ୍ଦଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ରବିନ୍ଦ୍ର ମହାଳିକ, ଦିଲ୍ଲିପ କୁମାର ସୋରେନ୍ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଶିକ୍ଷୟିତ୍ରୀ ଶୈଳଜା ଶିଆଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ମୋ ସ୍କୁଲ ଅଭିଯାନର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ସେହିପରି ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଶଚିକାନ୍ତ ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ୟୁଥ ଫର ଆକ୍ସନ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ

ଜଳେଶ୍ୱର, ୧୨/୧ (ନିପ୍ର) : ଜଳେଶ୍ୱର ସତ୍ୟନାରାୟଣ ମନ୍ଦିର ପରିସରରେ ଆଜି ୟୁଥ ଫର ଆକ୍ସନ ନାମକ ଜଳେଶ୍ୱର ର ଏକ ଯୁବସଂଗଠନ ପକ୍ଷରୁ ରାଷ୍ଟ୍ରୀୟ ଯୁବଦିବସ ପାଳିତ ହୋଇଯାଇଛି। ଏଥିରେ କ୍ଲବ ସଂଯୋଜକ ରାଜେଶ କୁମାର ସାହୁ ପୌରହିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର ସୁକାନ୍ତ କୁମାର ଦାସ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶ, ଦର୍ଶନ ଓ ଶିକ୍ଷା ସମଗ୍ର ମାନବ ସମାଜର ମୁକ୍ତିର ରାସ୍ତା ଦେଖାଇଛି ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତାଭାବେ ସମାଜସେବୀ ଅନନ୍ତ ଦାସ ସ୍ୱାମୀ ବିବେକାନନ୍ଦଙ୍କ ଅଭିଭାଷଣ ବିଶ୍ୱଦରବାରକୁ ଚମକାଇ ଦେଇଥିବାରୁ ୧୯୮୪ ମସିହାରେ ଭାରତ ସରକାର ତାଙ୍କ ଜନ୍ମଦିନକୁ ଯୁବଦିବସଭାବେ ପାଳନ କରିବାର ସିଦ୍ଧାନ୍ତ ନେଇଥିବାରୁ ଆଜି ଏହା ପାଳିତ ହେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. କିଶୋର ବିଶ୍ୱଜିତ ଜେନା, ସୁମତୀ ରାଣୀ କର, ଫାଲଗୁନୀ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ପାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନଳକୂପ ଅଚଳ : ଲୋକେ ହନ୍ତସନ୍ତ

ଜଳେଶ୍ୱର, ୧୨/୧ (ନିପ୍ର) : ଜଳେଶ୍ୱର ବ୍ଲକ ଅଧିନ ନେତୁଆ ଗ୍ରାମପଂଚାୟତର ନେତୁଆ ଆଦିବାସୀ ସାହିରେ ଏକ ନଳକୂପ ଗତ୨୦୧୭ ମସିହାରେ ସ୍ଥାପନ କରାଯାଇଥିଲା। ୨୦୧୯ରେ ନଳକୂପର ପ୍ଲାଟନଫର୍ମ ନିର୍ମାଣ ହୋଇଥିବା ମାତ୍ର ଏହି ନଳକୂପଟି ବହୁଦିନରୁ ଅଚଳ ହୋଇ ପଡିରହିଛି। ପାନୀୟ ଜଳ ନିମନ୍ତେ ସ୍ଥାନୀୟ ଅଧିବାସୀମାନେ ନାନା ପ୍ରକାର ହନ୍ତସନ୍ତ ହେଉଛନ୍ତି। ଆଗକୁ ଖରାଦିନ ଥିବାରୁ ପାନୀୟ ଜଳ ପାଇଁ ନଳକୂପଟିକୁ ଖୁବ୍‌ଶୀଘ୍ର ମରାମତି କରିବାପାଇଁ ସ୍ଥାନୀୟ ଅଧିବାସୀମାନେ ଅଭିଯୋଗ କରିଛନ୍ତି।

## କୁଡୁମୀଜାତିକୁ ଆଦିବାସୀବର୍ଗରେ ସାମିଲ କରିବା ଦାବିରେ ଜଙ୍ଗଲ ମହଲ ବନ୍ଦ



ବାରିପଦା,୧୨।୦୧ (ନି.ପ୍ର): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବି ନେଇ ପୂର୍ବଘୋଷଣା ଅନୁଯାୟୀ ଚାରିଗୋଟି ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ତଥା ଓଡ଼ିଶାର କୁଡୁମୀ ନେତାମାନେ ମିଳିତ ଭାବେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଜଙ୍ଗଲ ମହଲ ଭାବେ ପରିଚିତ ପଶ୍ଚିମବଙ୍ଗର ପୁରୁଲିଆ, ବାଙ୍କୁଡ଼ା, ଝାଡ଼ଗ୍ରାମ, ପୂର୍ବ ଏବଂ ପଶ୍ଚିମ ମେଦିନୀପୁର ଆଦି ପାଂଚ ଗୋଟି ଜିଲ୍ଲାରେ ଗତ ସାତ ତାରିଖରେ ୨୪ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି। କୁଡୁମୀ ସମନ୍ୱୟ ମଞ୍ଚର ଆବାହକ ରାଜେଶ ମାହାତୋଙ୍କ ଆହ୍ୱାନ କ୍ରମେ ଏହି ବନ୍ଦ ପାଳିତ ହୋଇଛି। ଏହି ଡାକରା କାରଣରୁ ଉକ୍ତ ପାଞ୍ଚଗୋଟି ଜିଲ୍ଲାର ଦୋକାନ ବଜାର, ସରକାରୀ ଅଫିସ, ଯାନବାହାନ ଚଳାଚଳ ଇତ୍ୟାଦି ବନ୍ଦ କରିଥିଲେ। ଆନ୍ଦୋଳନକାରୀମାନେ ପଚାଶ ଗୋଟି ସ୍ଥାନରେ ରାସ୍ତା ଅବରୋଧ କରିବାରରୁ ସଂପୂର୍ଣ୍ଣ ଜଙ୍ଗଲ ମହଲରେ ଯାତାୟତ ଠପ୍ ହୋଇଯାଇଥିଲା। ଏହି ଡାକରାରେ ଓଡ଼ିଶାର କୁଡୁମୀ ସଂପ୍ରଦାୟ ପକ୍ଷରୁ କୁଡୁମୀ ସେନା ଅଧ୍ୟକ୍ଷ ଜୈମୁନୀ କୁମାର ମହାନ୍ତ ନିଜର ସମର୍ଥକମାନଙ୍କ ସହିତ ସାମିଲ ହୋଇଥିଲେ। କୁଡୁମୀ ସେନା ନେତୃବୃନ୍ଦ ହିମାଂଶୁ ମହାନ୍ତ, ବିବେକାନନ୍ଦ ମହାନ୍ତ, ଜୟକୃଷ୍ଣ ମହାନ୍ତ, ସଞ୍ଜୟ ମହାନ୍ତ, ଅଜିତ ମହାନ୍ତ, ଶଶାଙ୍କ ଶେଖର ମହାନ୍ତ, ସୂର୍ଯ୍ୟ ମହାନ୍ତ, ରଙ୍ଗାଧର ମହାନ୍ତଙ୍କ ସମେତ ପ୍ରାୟ ତିନିଶହ କର୍ମୀ ଏଥିରେ ସାମିଲ ହୋଇଥିଲେ। ଉକ୍ତ ଦାବୀ ହାସଲ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ଏବଂ ଦିନକୁ ଦିନ ଏହା ତୀବ୍ରରୁ ତୀବ୍ରତର ହେବ ବୋଲି ଜୈମୁନୀ କୁମାର ମହାନ୍ତ ଏକ ପ୍ରେସ ବିବୃତିରେ କହିଛନ୍ତି।

## ଠିପିଖୋଲା ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

ଭଦ୍ରକ,୧୨।୦୧ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନେଉଳିଆ ମୌଜାରେ ଏକ ଠିପିଖୋଲା ମଦ ଦୋକାନ ଖୋଲାଯାଉଥିବା ଆବେଦନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଉକ୍ତ ମୌଜାର ଖାତା ନଂ ୧୧୪/୨୧ ଉପରେ ଭଦ୍ରକ ଅଞ୍ଚଳର ପ୍ରଭୁକଲ୍ୟାଣ ପାଢ଼ୀ ନାମକ ଜନୈକ ଯୁବକ ଜାଗାକୁ ଲିଜ ସୂତ୍ରରେ ନେଇ ଏକ ଠିପିଖୋଲା ମଦ ଦୋକାନ ଖୋଲିବାକୁ ଆବେଦନ କରିଛନ୍ତି। ତେବେ ଏହି ଅଞ୍ଚଳରେ ଏକ ଶିବ ମନ୍ଦିର, ଅଙ୍ଗନୱାଡ଼ି କେନ୍ଦ୍ର ସହିତ ଭଦ୍ରକ ଯାଜପୁର ଜାତୀୟ ରାଜପଥକୁ ସଂଯୋଗୀ ରାସ୍ତା ରହିଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଶତାଧିକ ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ଯାତାୟତ କରନ୍ତି। ତେବେ ଏହି ରାସ୍ତାକଡରେ ଠିପିଖୋଲା ମଦ ଦୋକାନ ହେଲେ ଏହା ସାଧାରଣ ଜନତାଙ୍କ ଉପରେ କୁପ୍ରଭାବ ପକାଇବ। ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ସୁଖଶାନ୍ତି କ୍ଷୁଣ୍ଣ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରି ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସପନ କୁମାର ଦେ, କେତକୀ ସାମଲ, ଅହଲ୍ୟା ସେନାପତି, ସୁକାନ୍ତ ସାହୁ, ଅଶୋକ କୁମାର ସାହୁ, ସୁଶାନ୍ତ ସାହୁ, ନାରାୟଣ ପରିଡା, ଡଲି ପରିଡା, ବାସନ୍ତୀ ପରିଡା, ଝିଲି ପରିଡା, ପାର୍ବତୀ ପରିଡା, ଭିକାରି ସାହୁ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏହି ଦାବୀପତ୍ର ପ୍ରଦାନ କରାଯାଇଥିଲା।

## 'କବିଙ୍କ ସାହିତ୍ୟାକୃତି ଆଗାମୀ ପିଢ଼ିଙ୍କୁ ପ୍ରେରଣା' : କବି ବ୍ରଜନାଥ ରଥଙ୍କ ୮୬ତମ ଜୟନ୍ତୀ




ବାଲେଶ୍ୱର,୧୨।୦୧ (ନି.ପ୍ର): କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ କବି ବ୍ରଜନାଥ ରଥଙ୍କ ୮୬ତମ ଜୟନ୍ତୀ ଓ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ସୁନହଟସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କବି ବ୍ରଜନାଥଙ୍କ ଜୀବନାଦର୍ଶ ଓ ତାଙ୍କର କାବ୍ୟକୃତିର ବୈଶିଷ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ପ୍ରଗତିବାଦୀ କବି ଭାବେ ସ୍ୱର୍ଗତ ରଥଙ୍କ ସାହିତ୍ୟାକୃତି ଆଗାମୀ ପିଢ଼ିଙ୍କୁ ପ୍ରେରଣା ଦେବ ବୋଲି ପ୍ରଫେସର ସାମଲ ମତବ୍ୟକ୍ତ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ତଥା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ଡକ୍ଟର ମଣୀନ୍ଦ୍ର କୁମାର ମେହେର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ କାବ୍ୟ ଜଗତରେ କବି ବ୍ରଜନାଥଙ୍କ ସ୍ୱତନ୍ତ୍ର ସ୍ଥାନ ରହିଥିବା ମତପ୍ରକାଶ କରିଥିଲେ। କବି ସ୍ୱର୍ଗତ ରଥ ତାଙ୍କ ପାଇଁ ଓ ତାଙ୍କ ଭଳି ଓଡିଶାର ବହୁ ସାହିତ୍ୟ ଉପାସକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ଡକ୍ଟର ମେହେର କହିଥିଲେ। ଟ୍ରଷ୍ଟର ଉପଦେଷ୍ଟା ତଥା ଆଦିବାସୀ ଲୋକସାହିତ୍ୟ ଓ ପ୍ରଗତିଶୀଳ ସାହିତ୍ୟର ବିଶିଷ୍ଟ ସ୍ରଷ୍ଟା ବିଜୟ ଉପଧ୍ୟାୟ ଏଥିରେ ସଭାପତିତ୍ୱ କରିବା ସହ କବି ବ୍ରଜନାଥ ରଥ ଦଳିତ ନିଷ୍ପେସିତ ମଣିଷଙ୍କ ସ୍ୱର ପାଲଟିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କବି କାଳିପଦ ପଣ୍ଡା କାର୍ଯ୍ୟକ୍ରମରେ ପ୍ରାକ ସୂଚନା ଦେଇଥିବା ବେଳେ କବି କାଳିକିଙ୍କର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶାସକ ତଥା ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ରଙ୍କୁ ଚଳିତ ବର୍ଷପାଇଁ ବ୍ରଜନାଥ ରଥ ସାରସ୍ୱତ ସମ୍ମାନ - ୨୦୨୧ ପ୍ରଦାନ କରାଯାଇଥିଲା। ଏଥି ସହିତ ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ଗବେଷକ ଡକ୍ଟର ଅରବିନ୍ଦ ଗିରିଙ୍କୁ ଚଳିତବର୍ଷର କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବି ବ୍ରଜନାଥ ରଥଙ୍କ ଉପରେ ଗବେଷଣା ପାଇଁ ଉତ୍କୃଷ୍ଟ ସନ୍ଦର୍ଭ ପ୍ରସ୍ତୁତି ପାଇଁ ଅଧ୍ୟାପକ ଡକ୍ଟର ରମାକାନ୍ତ ଜେନାଙ୍କୁ ବ୍ରଜନାଥ ରଥ ସମ୍ବର୍ଦ୍ଧନା ୨୦୨୧ ପ୍ରଦାନ କରାଯାଇଥିଲା। ଏହି ଅବସରରେ କବି କାଳିକିଙ୍କର ଦାସଙ୍କ ବ୍ୟଙ୍ଗଧର୍ମୀ କବିତା ସଙ୍କଳନ 'ଜଟାୟୁ ଜୀବନ' ଓ ଉମାକାନ୍ତ ଜେନାଙ୍କ ଗବେଷଣା ପୁସ୍ତକ 'ବ୍ରଜନାଥ ରଥ ସୃଷ୍ଟ ସୌରଭ' ଲୋକାର୍ପିତ ହୋଇଥିଲା। ଟ୍ରଷ୍ଟର ଟ୍ରଷ୍ଟି ବ୍ୟୋମନାଥ ରଥ, ବ୍ରହ୍ମ ରଥ, ବିଧୁନାଥ ରଥ, ଡା. ମୃତ୍ୟୁଞ୍ଜୟ ମିଶ୍ର, ପରମାନନ୍ଦ ପଣ୍ଡା, ରାଧାନାଥ ରଥ ଓ ଓଜସ୍ୱିନୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ କବି ବ୍ରଜନାଥ ରଥଙ୍କ ନିର୍ବାଚିତ କବିତାକୁ ଉପସ୍ଥିତ କବି ଓ କବୟିତ୍ରୀମାନେ ପାଠ କରିଥିଲେ।

## ଦୀର୍ଘ ଆଠ ଦିନ ଧରି ପଡ଼ିରହିଛି ଚାଷୀଙ୍କ ଧାନ ଲ୍ୟାମ୍ପ : ଚାଷୀ ଅସନ୍ତୋଷ




ନୀଳଗିରି,୧୨।୦୧ (ନି.ପ୍ର): ଦୀର୍ଘ ୮ଦିନ ଧରି ଖରା କାକରରେ ଧାନମଣ୍ଡିରେ ପଡ଼ିରହିଛି ଚାଷୀଙ୍କ ଧାନ। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ଲ୍ୟାମ୍ପ ଏମ.ଡି.ଙ୍କ ମନମାନୀ ନୀତି ପାଇଁ ଏପରି ଅସୁବିଧାରେ ସମ୍ମୁଖୀନ ହେଉଥିବାର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଲ୍ୟାମ୍ପ ଅଧୀନସ୍ଥ ସଜନାଗଡ଼ ସୋସାଇଟିରେ ଚାଷୀମାନେ ସରକାରଙ୍କ ନିର୍ଦ୍ଧାରିତ ତାରିଖରେ ଧାନମଣ୍ଡିକୁ ଧାନ ଆଣିଥିଲେ। ଜାନୁଆରୀ ୫ ତାରିଖରେ ଚାଷୀମାନେ ୫୦୦ କ୍ୱିଣ୍ଟାଲ ଧାନ ଧାନମଣ୍ଡିକୁ ଆଣିଥିବା ବେଳେ ଏଯାବତ୍ ଧାନ ଉଠାଣ ନ ହେବାକୁ ନେଇ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଏ ବାବଦରେ ସୋସାଇଟିର ସଂପାଦକ ମନୋଜ କୁମାର ମହାପାତ୍ରଙ୍କୁ ପଚାରିବାରୁ ଲ୍ୟାମ୍ପର ଏମ.ଡି. ପ୍ରଶାନ୍ତ କୁମାର ନାୟକ ଗାଡ଼ି ପଠାଇବା ପାଇଁ ବହୁବାର କହିଥିବା ବେଳେ ସଜନାଗଡ଼ ମଣ୍ଡିକୁ ଗାଡ଼ି ନ ପଠାଇ ଅନ୍ୟ ମଣ୍ଡିକୁ ଗାଡ଼ି ପଠାଇ ଦେଉଥିବାରୁ ଏଠାରେ ଚାଷୀଙ୍କ ଧାନ ଉଠି ପାରୁ ନାହିଁ ବୋଲି ସୂଚନା ଦେଇଛନ୍ତି। ତେବେ ଏମ.ଡି. କ'ଣ ପାଇଁ ସଜନାଗଡ଼ ମଣ୍ଡିକୁ ଗାଡ଼ି ପଠାଉ ନାହାନ୍ତି, ନା ଅନ୍ୟ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଏପଟେ ଏମ.ଡି. କାଳେ ଚାଷୀଙ୍କ ଠାରୁ ଧାନ କ୍ୱିଣ୍ଟାଲ ପିଛା ଅର୍ଥ ଦାବୀ କରୁଥିବାର ଶୁଣିବାକୁ ମିଳୁଥିବା ବେଳେ ଲାଂଚ ପାଉ ନ ଥିବାରୁ ଗାଡ଼ି ପଠାଉନାହାନ୍ତି ବୋଲି ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି। ଏ ବାବଦରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ଘଟଣାବାବଦରେ ଅବଗତ କରାଇଲା ପରେ ଖୁବ୍ ଶୀଘ୍ର ଧାନ ଉଠାଇବାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।

## ବିର୍ଲା ଟାୟାର୍ସ କାରଖାନାରେ ପାଳିତ ହେଲା ବସନ୍ତ ବିର୍ଲାଙ୍କ ୧ଶହତମ ଜୟନ୍ତୀ ଓ ଯଜ୍ଞୋତ୍ସବ



ବାଲେଶ୍ୱର,୧୨।୦୧ (ନି.ପ୍ର): କେଶୁରାମ ଗ୍ରୁପର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ବସନ୍ତ କୁମାର ବିର୍ଲାଙ୍କ ୧ଶହତମ ଜୟନ୍ତୀ ଏବଂ ଯଜ୍ଞୋତ୍ସବ ଛଣପୁରସ୍ଥିତ ବିର୍ଲା ଟାୟାର୍ସ କାରଖାନାରେ ପାଳିତ ହୋଇଛି। ଏହି ଉପଲକ୍ଷେ ଦିବସ ବ୍ୟାପୀ କାରଖାନା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ କାରଖାନା ପରିସରସ୍ଥ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବଡ଼ ଠାକୁରଙ୍କୁ ପହଣ୍ଡିରେ ନେଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ଓଡ଼ିଶା ବ୍ରାହ୍ମଣ ମହାସଭାର ବାଲେଶ୍ୱର ଶାଖା ପକ୍ଷରୁ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତାକର୍ତ୍ତ୍ରୀଭାବେ ମାନବ ସମ୍ବଳ ଅଧିକାରୀ ହିମାଂଶୁ ପାତ୍ର ଏବଂ ସହଧର୍ମିଣୀ ଶର୍ମିଷ୍ଠା ପାତ୍ର ପୂଜା କାର୍ଯ୍ୟ ସମାପନ କରିଥିଲେ। ଏହି ଅବସରରେ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ବିଷ୍ଣୁ ସହସ୍ର ନାମ ପାଠ ଏବଂ ଆହୂତି ପ୍ରଦାନ କରାଯାଇଥିଲା। ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କାରଖାନା ମୁଖ୍ୟ ଦେବାଶିଷ ରାୟ ଉପସ୍ଥିତ କର୍ମଚାରୀ ଏବଂ ଅଧିକାରୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବକ୍ତବ୍ୟରେ ବିର୍ଲା ଟାୟାର୍ସର ପ୍ରତିଷ୍ଠାତାଙ୍କ ଉଦ୍ୟମ ଏବଂ ନିଷ୍ଠା ସମ୍ପର୍କରେ ସୂଚନା ଦେଇ ବାଲେଶ୍ୱରରେ ବିର୍ଲା ଟାୟାର୍ସ କାରଖାନାର ଉନ୍ନତି ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ବାହୀ ଅଧିକାରୀ ପବନ ଦର୍ଶନ, ମୁଖ୍ୟ ବିତ ଅଧିକାରୀ ଅନନ୍ତ କୁମାର ଗୁପ୍ତା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ମାନବ ସମ୍ବଳ ଅଧିକାରୀ ଦେବେନ୍ଦ୍ର କୁମାର ଧଳ ମଂଚ ପରିଚାଳନା କରିଥିବାବେଳେ ପାର୍ଥ ସରକାର, ଟେକ୍ନିକାଲ ମୁଖ୍ୟ ସନତ ପାଲ, ବିତ ମୁଖ୍ୟ ସୋମନାଥ ବିଶ୍ୱାସ, ଯାନ୍ତ୍ରିକ ମୁଖ୍ୟ ବିନୋଦ କୁମାର ପ୍ରମୁଖ ପରିଚାଳନା କରିଥିଲେ। ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାଜୀ ଭଟ୍ଟାଚାର୍ଯ୍ୟ, ଅଜିତ ମହାରଣା, ସୁତନୁ ସାହୁ, ପ୍ରଜ୍ଞାପରିମିତା ନାୟକ, କ୍ଷିତୀଶ ଓଝା, ପ୍ରଶାନ୍ତ ମହାପାତ୍ର ସିବ ମଲିକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଗରିବ ଅସହାୟ ଲୋକଙ୍କୁ କମ୍ବଳ ବଂଟନ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଏବଂ ପ୍ରସାଦ ସେବନ ସହିତ ଯଜ୍ଞୋତ୍ସବ ଉଦଯାପିତ ହୋଇଛି।

## ବେଆଇନ କାଠ ବ୍ୟବସାୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଲେଶ୍ୱର,୧୨।୦୧ (ନି.ପ୍ର): କନଷ୍ଟେବଳ ପୁଅଙ୍କ ସହଯୋଗରେ ରେମୁଣାରେ ବାପ ଚଳାଇଥିବା ବେଆଇନ କାଠ ବ୍ୟବସାୟକୁ ନେଇ ଶ୍ରୀକୃଷ୍ଣପୁରର ଗ୍ରାମବାସୀମାନେ ଆଜି ଏସପିଙ୍କଠାରେ ଫେରାଦ ହୋଇଛନ୍ତି। ରେମୁଣା କଲେଜ ଛକ ନିକଟରେ ଆଦିବାସୀଙ୍କ ଜମି ଅଧିକାର କରି ବେଆଇନ କାଠ ମହଜୁଦ ରଖିବା ସହ ପୁଲିସର ଭୟ ଦେଖାଇ ଲୋକଙ୍କୁ ଚଢ଼ାମୂଲ୍ୟରେ ବିକ୍ରି କରୁଛନ୍ତି ବୋଲି ସେମାନେ କହିଛନ୍ତି। ଏହାକୁ ବିରୋଧ କରୁଥିବା ଗ୍ରାମବାସୀମାନଙ୍କୁ ବାପ-ପୁଅ ଗୁଣ୍ଡାଲଗାଇ ହଇରାଣ ହରକତ କରୁଥିବା ସେମାନେ ଆରୋପ ଉଠାଇଛନ୍ତି। ଜନସାଧାରଣଙ୍କୁ ମିଥ୍ୟା ମାମଲାରେ ଫସେଇ ଦେବାର ଭୟ ଦେଖାଉଥିବାରୁ ଅଭିଯୁକ୍ତଙ୍କ ବିରୋଧରେ କେହି କିଛି କହିବାକୁସାହସ କରିପାରୁନାହାନ୍ତି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। କନଷ୍ଟେବଳ ପରିବାରଙ୍କ ବେଆଇନ କାଠ କାରବାରକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ବି ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସେମାନେ କହିଛନ୍ତି। ଏନେଇ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀକୃଷ୍ଣପୁର ଗ୍ରାମବାସୀମାନେ ଆରକ୍ଷୀ ଅଧିକ୍ଷକ ନିକଟରେ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରାର୍ଥସାରଥୀ ଦାସ, ରତ୍ନାକର ଦାସ, ରାମ ସିଂ, ଦିବାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo